ଯା ଦେବୀ ସର୍ବଭୂତେଷୁ.....

ନିରପେକ୍ଷ ଦୈନିକ ସମ୍ବାଦପତ୍ର

ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଶନିବାର ୨୮ ଅକ୍ଟୋବର ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATURDAY 28 OCTOBER 2023

Vol.No. 34 ■ No. 282■ Price :Rs.2.00 (8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019

ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧

ସ୍ୱରୂପ ନାୟକଙ୍କ ପରଲୋକ

ଭୁବନେଶ୍ୱର, ୨୭/୧୦ (ନି.ପ୍ର): ବିଶିଷ୍ଟ ସଙ୍ଗୀତ ନିର୍ଦ୍ଦେଶକ ସ୍ୱରୂପ ନାୟକଙ୍କର ଆଜି ପରଲୋକ ହୋଇଯାଇଛି । ଦୀର୍ଘ ଦିନ ଧରି ସେ କ୍ୟାନସରରେ ପୀଡ଼ିତ ଥିଲେ । କଟକର ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି । ମୃତ୍ୟୁ ବେଳକୁ ତାଙ୍କୁ ୭୬ ବର୍ଷ ହୋଇଥିଲା । ୧୯୪୭ ମସିହା ଫେବୁଆରୀ ୮



ତାରିଖରେ ଜନ୍ମ ହୋଇଥିବା ସ୍ୱରୂପ ଏକାଧାରରେ ଜଣେ ସଙ୍ଗୀତକାର, ଗୀତିକାର, ପ୍ରଚ୍ଛଦପଟ ଗାୟକ ଓ ଅଭିନେତା ଥିଲେ । ୫୦ ରୁ ଅଧିକ ଓଡ଼ିଆ ଚଳଚ୍ଚିତ୍ର ପାଇଁ ସଙ୍ଗୀତ ନିର୍ଦ୍ଦେଶନା ଦେଇଥିଲେ ସ୍ୱରୂପ । ସେ ପ୍ରାୟ ୩୦ଟି ଫିଲ୍ମ ପାଇଁ ଗୀତ ଲେଖିଥିଲେ । ୬ଟି ଫିଲ୍ମରେ ସେ ଅଭିନୟ କରିଥିଲେ । ସେହିପରି ୬ଟି ଫିଲ୍ମରେ ଗୀତ ଗାଇ ଥିଲେ । ୧୯୬୨ ମସିହାରେ ରିଲିଜ ହୋଇଥିବା 'ଜୟଦେବ' ଚଳଚ୍ଚିତ୍ରରେ ସ୍ୱରୂପ ଶିଶୁ କଳାକାର ଭାବେ ଅଭିନୟ କରିଥିଲେ । ୧୯୮୪ ମସିହାର ପ୍ରଶାନ୍ତ ନନ୍ଦଙ୍କ ଚଳଚ୍ଚିତ୍ର 'ହୀରାନୀଳା'ରେ ସେ ପ୍ରଥମେ ସଙ୍ଗୀତ ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରିଥିଲେ। ▶▶ପୃଷ୍ଠା ୭

ସିରିଆରେ ଆମେରିକାର ଏୟାରଷ୍ଟ୍ରାଇକ

■ ଛାରଖାର ହୋଇଗଲା ଇରାନ ସମର୍ଥିତ ଆତଙ୍କବାଦୀଙ୍କ ଆଡ୍ଡା

■ ଆତ୍ମରକ୍ଷା ପାଇଁ କରିଛୁ ଆକ୍ରମଣ: ଆମେରିକା

ନୂଆଦିଲ୍ଲୀ,୨୭/୧୦ : ଇସ୍ରାଏଲ-ହମାସ ଯୁଦ୍ଧ ଭିତରେ ସିରିଆ ଉପରେ ଏୟାରଷ୍ଟ୍ରାଇକ କରିଛି ଆମେରିକା । ଗତ ସପ୍ତାହରେ ସିରିଆରେ ଥିବା ଆମେରିକା ସୈନ୍ୟ ଆଡ୍ଡା ଉପରେ ଆକ୍ରମଣ ହୋଇଥିଲା । ଉଭୟ ଡ୍ରୋନ ଓ ମିସାଇଲ ଜରିଆରେ ଏହି ଆକ୍ରମଣ ହୋଇଥିଲା । ଯାହାର ଜବାବ ଏବେ ଦେଇଛି ଆମେରିକା । ଆତ୍ମରକ୍ଷା ପାଇଁ ଏହି ଏୟାରଷ୍ଟ୍ରାଇକ କରାଯାଇଥିବା କହିଛି ଆମେରିକା । ଦେଶର ନାଗରିକଙ୍କ ସୁରକ୍ଷା ଓ ହିତ ପାଇଁ ଏଭଳି ପଦକ୍ଷେପ ନିଆଯାଇଥିବା କହିଛି ଆମେରିକା । ସେହିଭଳି ସେନାର ସୁରକ୍ଷା ପାଇଁ କୌଣସି କାର୍ଯ୍ୟାନୁଷ୍ଠାନ ନେବାରେ ସଙ୍କୋଚ କରିବନି ଆମେରିକା । ଆମେରିକା ଏୟାରଷ୍ଟ୍ରାଇକ କରିଥିବା ଅଞ୍ଚଳରେ ଇରାନ ସମର୍ଥିତ ଆତଙ୍କବାଦୀ ଆଡ୍ଡା କରିଥିଲେ । ଯାହାକୁ ଏୟାରଷ୍ଟ୍ରାଇକ ଜରିଆରେ ଧ୍ୱଂସ କରିଛି ଆମେରିକା । ଇସ୍ରାଏଲ-ହମାସ ଯୁଦ୍ଧ ଭିତରେ ଇରାନ ହମାସ ଆତଙ୍କବାଦୀ ସଙ୍ଗଠନକୁ ସମର୍ଥନ କରି ଆସୁଛି । ତେଣୁ ଇରାନ ସମର୍ଥିତ ଆତଙ୍କବାଦୀଙ୍କ ଉପରେ ଏୟାରଷ୍ଟ୍ରାଇକର ପ୍ରଭାବ ଇସ୍ରାଏଲ-ହମାସ ଯୁଦ୍ଧକୁ ଭିନ୍ନ ମୋଡକୁ ନେଇପାରେ ।

ପ୍ରମୋଦଙ୍କ ପାଇଁ ୨ କୋଟି ଟଙ୍କାର ପୁରସ୍କାର ଘୋଷଣା କଲେ ମୁଖ୍ୟମନ୍ତ୍ରୀ

ନୂଆଦିଲ୍ଲୀ,୨୭/୧୦ : ଚୀନର ହାଙ୍ଗଝୌରେ ଚାଲିଥିବା ଏସିଆନ୍ ପାରା ଗେମ୍ସରେ ବ୍ୟାଡମିଣ୍ଟନରେ ଚମତ୍କାର ପ୍ରଦର୍ଶନ କରିଥିବା ରାଜ୍ୟର ପ୍ରମୋଦ ଭଗତଙ୍କ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨ କୋଟି ଟଙ୍କାର ପୁରସ୍କାର ଘୋଷଣା କରିଛନ୍ତି । ପ୍ରମୋଦ ଗୋଟିଏ ସ୍ୱର୍ଣ୍ଣ ସହିତ ମୋଟ ୩ଟି ପଦକ ଜିତିଛନ୍ତି । ଆଜି ପ୍ରମୋଦ ଭଗତ ପୁରୁଷ ଏକକ ଏସ୍ଏଲ୍୩ ବର୍ଗରେ ଅନ୍ୟତମ ଭାରତୀୟ ପ୍ରତିଯୋଗୀ ନୀତେଶ କୁମାରଙ୍କୁ ୨୨-୨୦, ୧୮-୨୧ ଓ ୨୧-୧୯ରେ ପରାସ୍ତ କରି ସ୍ୱର୍ଣ୍ଣ ପଦକ ଜିତିଥିଲେ । ଏହା ପୂର୍ବରୁ ସେ ପୁରୁଷ ଡବଲ୍ସ ଏସ୍ଏଲ୍୩-ଏସ୍ଏଲ୍୪ ଓ ମିକ୍ସଡ ଡବଲ୍ସ ଏସ୍ଏଲ୍୩-ଏସ୍ୟୁ୫ ବର୍ଗରେ ଦୁଇଟି ବ୍ରୋଞ୍ଜ ପଦକ ଜିତିଥିଲେ । ଏହି ସଫଳତା ପାଇଁ ପ୍ରମୋଦଙ୍କୁ ଅଭିନନ୍ଦନ ଜଣାଇଛନ୍ତି ମୁଖ୍ୟମନ୍ତ୍ରୀ । ସେ କହିଛନ୍ତି, ପ୍ରମୋଦ ହେଉଛନ୍ତି ସର୍ବୋତ୍ତମ

ପ୍ରତିଯୋଗୀମାନଙ୍କ ମଧ୍ୟରୁ ଜଣେ । ସେ ୨୦୨୪ ପ୍ୟାରୀସ ପାରା ଅଲମ୍ପିକ୍ସ ଗେମ୍ସରେ ମଧ୍ୟ ଆମ ସମସ୍ତଙ୍କୁ ଗର୍ବିତ କରିବେ ବୋଲି ମୁଁ ନିଶ୍ଚିତ । ୨୦୨୪ ପ୍ୟାରୀସ ପାରା ଅଲିମ୍ପିକ୍ସ ପାଇଁ ପ୍ରମୋଦଙ୍କୁ ସମସ୍ତ ପ୍ରକାର ସହାୟତା ଯୋଗାଇ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି । ସୂଚନାଯୋଗ୍ୟ, ୨୦୧୮ ଏସିଆନ ପାରା ଗେମ୍ସରେ ମଧ୍ୟ ସ୍ୱର୍ଣ୍ଣ ପଦକ ଜିତିଥିଲେ ପ୍ରମୋଦ ଭଗତ ।

ଓଡ଼ିଶାରେ ମୋଟ୍ ଭୋଟର ୩.୨୬କୋଟି: ମହିଳା ଭୋଟରଙ୍କ ସଂଖ୍ୟା ବୃଦ୍ଧି

ଭୁବନେଶ୍ୱର, ୨୭/୧୦ (ନି.ପ୍ର): ରାଜ୍ୟରେ ଭୋଟରଙ୍କ ସଂଖ୍ୟା ବଢ଼ିଛି । ମହିଳା ଭୋଟରଙ୍କ ଅନୁପାତ ବଢ଼ିଛି । ମୋଟ୍ ଭୋଟର ସଂଖ୍ୟା ୩କୋଟି ୨୬ଲକ୍ଷ ୫୫ହଜାର ୨୧୩ରେ ପହଂଚିଛି । ଯାହାକି ୦.୯୪ ପ୍ରତିଶତ ଅଧିକ । ଆଜି ଚିଠା ଭୋଟର ତାଲିକା ଜାରି କରି ଏଭଳି ସୂଚନା ଦେଇଛନ୍ତି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳ । ସାଧାରଣ ନିର୍ବାଚନ ପୂର୍ବରୁ ଆଜି ଜାରି ଚିଠା ଭୋଟର ତାଲିକା ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ଦେଇ ଶ୍ରୀ ଧଳ କହିଛନ୍ତି ଯେ, ରାଜ୍ୟରେ ମୋଟ ୩ଲକ୍ଷ ୩ହଜାର ୯୪ଜଣ ଭୋଟରଙ୍କ ସଂଖ୍ୟା ବୃଦ୍ଧି ପାଇଛି । ତାଲିକାରେ ୬ଲକ୍ଷ ୨୨ହଜାର ୪୨୯ଜଣ ନୂଆ ଭୋଟର ସାମିଲ ହୋଇଛନ୍ତି ଓ ୩ଲକ୍ଷ ୧୯ହଜାର ୩୪୫ଜଣ ଅଯୋଗ୍ୟ ଭୋଟରଙ୍କୁ ତାଲିକାରୁ ବାଦ୍ ଦିଆଯାଇଛି । ଏକାଧିକ ସ୍ଥାନରେ ଭୋଟର କାର୍ଡ ଓ ଠିକଣା ପରିବର୍ତ୍ତନ ଓ ମୃତ୍ୟୁ ଯୋଗୁ ଏହି ବ୍ୟକ୍ତିମାନେ ତାଲିକାରୁ ବାଦ୍ ପଡ଼ିଛନ୍ତି । ▶▶ପୃଷ୍ଠା ୭

ଘର ଭିତରେ ବାଣ ବିସ୍ଫୋରଣ: ଜଣେ ମୃତ, ୨ ଗୁରୁତର

ଗଞ୍ଜାମ , ୨୭/୧୦ (ନି.ପ୍ର): ଗଞ୍ଜାମ ଜିଲ୍ଲା ବେଗୁନିଆପଡ଼ା ଥାନା ଜଗତିସାହିରେ ଆଜି ସନ୍ଧ୍ୟାରେ ଏକ ଘରେ ବାଣ ବିସ୍ଫୋରଣ ଘଟି ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଆଉ ଦୁଇ ଜଣ ଗୁରୁତର ଆହତ ହୋଇଛନ୍ତି । ବେଗୁନିଆପଡ଼ା ଜଗତିସାହିର ରାଜୁ ପ୍ରଧାନଙ୍କ ପୁଅ ଜିତୁ ପ୍ରଧାନ ତାଙ୍କର ୨ ବନ୍ଧୁଙ୍କ ସହିତ ମିଶି ତାଙ୍କ ଘରର ଉପର ମହଲାରେ ବାଣ ଭିଡୁଥିବା ବେଳେ ଏହି ଅଘଟଣ ଘଟିଥିବା କୁହାଯାଉଛି । ବାଣ ବିସ୍ଫୋରଣ ପରେ ୩ ଜଣଙ୍କୁ ଗୁରୁତର ଅବସ୍ଥାରେ କୋଦଳା ଡାକ୍ତରଖାନା ନିଆଯାଇଥିଲା । ସେଠାରେ ଡାକ୍ତର ଜିତୁ ପ୍ରଧାନଙ୍କୁ ମୃତ ଘୋଷଣା କରିଥିଲେ । ଅନ୍ୟ ଦୁଇ ଜଣଙ୍କୁ କୋଦଳା ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ▶▶ପୃଷ୍ଠା ୭

କନ୍ଦାଉଛି ପିଆଜ: ମାସକ ଭିତରେ ରେଟ୍ ହେଲା ଡବଲ୍

ଭୁବନେଶ୍ୱର, ୨୭/୧୦ (ନି.ପ୍ର): ପୁଣି କନ୍ଦାଇବା ଆରମ୍ଭ କଲାଣି ପିଆଜ । ହଠାତ୍ ଉପରମୁହାଁ ହେଲାଣି ପିଆଜ ଦର । ମାସକ ଭିତରେ ହେଲାଣି ଡବଲ । ଫଳରେ ଗୃହିଣୀଙ୍କୁ ଘାରିଲାଣି ପିଆଜ ଚିନ୍ତା । ରୋଷେଇ ଘରେ ପଡ଼ିଲାଣି ଚଡ଼କ । ପିଆଜ କିଲୋ ପିଛା ମାସେ ତଳେ ୨୫ ଟଙ୍କା ଥିବା ବେଳେ ଏବେ ତାହା ଡବଲ ହୋଇ ୫୦ ଟଙ୍କାରେ ପହଞ୍ଚିଲାଣି । କିଛି ସ୍ଥାନରେ ବ୍ୟବସାୟୀ କିଲୋ ପିଛା ୬୦ ଟଙ୍କାରେ ବିକୁଛନ୍ତି ପିଆଜ।

ନାସିକରେ ପିଆଜ ମହଙ୍ଗା କାରଣରୁ ଓଡ଼ିଶାରେ ଏହାର ପ୍ରଭାବ ପଡୁଥିବା ଶୁଣିବାକୁ ମିଳିଛି । ଏବେ ସବୁ ପରିବା ଦର ଉପରମୁହାଁ ଥିବା ବେଳେ ହଠାତ୍ ସେଥିରେ ପିଆଜ ବି ସାମିଲ ହୋଇଯିବାରୁ ଗ୍ରାହକଙ୍କ ମୁଣ୍ଡରେ ଚଡ଼କ ପଡ଼ିଛି। ଏନେଇ ଓଡ଼ିଶା ▶▶ପୃଷ୍ଠା ୭

ଆସାମ ସରକାରଙ୍କ ନୂଆ ନିୟମ: ଏଣକି ରାଜ୍ୟ ସରକାରଙ୍କ ଅନୁମତି ବିନା ସରକାରୀ କର୍ମଚାରୀ କରିପାରିବେନି ୨ୟ ବିବାହ

ନୂଆଦିଲ୍ଲୀ,୨୭/୧୦ : ଯଦି ପ୍ରଥମ ପତ୍ନୀ ଜୀବିତ ଥିବେ ତେବେ ଆସାମର ସରକାରଙ୍କ ଅଧିନସ୍ଥ କୌଣସି କର୍ମଚାରୀ ରାଜ୍ୟ ସରକାରଙ୍କ ବିନା ଅନୁମତିରେ ୨ୟ ବିବାହ କରିପାରିବେ ନାହିଁ । ଏଭଳି ଏକ ନିର୍ଦ୍ଦେଶାନାମା ଜାରି କରିଛନ୍ତି ଆସାମ ରାଜ୍ୟ ସରକାର । ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା କହିଛନ୍ତି ୨ୟ ବିବାହ ପାଇଁ ଧାର୍ମିକ ପ୍ରତିବନ୍ଧକ ନଥିଲେ ମଧ୍ୟ ସରକାରୀ ଚାକିରିଆଙ୍କୁ ସରକାରଙ୍କଠୁ ଅନୁମତି ନେବାକୁ ପଡିବ । ଏଭଳି ନିଷ୍ପତି ପଛର ପେନସନ ଏକ କାରଣ ବୋଲି କହିଛନ୍ତି ସରକାର । ସ୍ୱାମୀ ଯଦି ଦୁଇଟି ବିବାହ କରୁଛନ୍ତି ତେବେ ତାଙ୍କ ମୃତ୍ୟୁ ପରେ ପେନସନକୁ ନେଇ ଉଭୟ ପତ୍ନୀଙ୍କ ମଧ୍ୟରେ ଗଣ୍ଡଗୋଳଠୁ ନେଇ ଆଇନଗତ ଲଢେଇ ହେଉଛି । ସମାନ ନିୟମ ଉଭୟ ପୁରୁଷ ଓ ମହିଳା ସରକାରୀ କର୍ମଚାରୀଙ୍କ ପାଇଁ ଲାଗୁ ହେବ । କିଛି ଦିନ ପୂର୍ବରୁ ଆସାମ ମୁଖ୍ୟମନ୍ତ୍ରୀ ବହୁ ବିବାହ ପ୍ରଥା ଉଠାଇବା ଉପରେ ଗୁରୁତ୍ୱ ଦେଇ ଆସୁଥିଲେ । ଏପରିକୀ ବିଧାନସଭାରେ ଏକ ବିଲ ଆଣିବା ପାଇଁ ବିଚାର କରୁଛନ୍ତି ।

କପିଲଦେବ ସିଂ ହତ୍ୟା ମାମଲାରେ ମୁଖତାର ଅନସାରୀଙ୍କୁ ୧୦ ବର୍ଷ ଜେଲଦଣ୍ଡ

ନୂଆଦିଲ୍ଲୀ,୨୭/୧୦ : ମାଫିଆ ମୁଖତାର ଅନସାରୀଙ୍କୁ ଗାଜିପୁର ଏମପି-ଏମଏଲଏ କୋର୍ଟ ଗ୍ୟାଙ୍ଗଷ୍ଟର ମାମଲାରେ ୧୦ ବର୍ଷ ଜେଲଦଣ୍ଡ ଶୁଣାଇଛନ୍ତି । କୋର୍ଟରେ ଦୋଷୀ ମୁଖତାର ଉପରେ ୫ ଲକ୍ଷ ଟଙ୍କାର ଜରିମାନା ମଧ୍ୟ ଲଗାଇଛନ୍ତି । ଏହି ମାମଲାରେ ଦ୍ୱିତୀୟ ଅଭିଯୁକ୍ତ ସୋନୁ ଯାଦବଙ୍କୁ ୫ ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରାଯାଇଛି । ଏହାସହ ସୋନୁ ଯାଦବ ଉପରେ ୨ ଲକ୍ଷ ଟଙ୍କାର ଜରିମାନା ମଧ୍ୟ ଲଗାଯାଇଛି । ଏମପି-ଏମଏଲଏ କୋର୍ଟ ୨୬ ଅକ୍ଟୋବରରେ ମାଫିଆ ମୁଖତାରକୁ ଗ୍ୟାଙ୍ଗଷ୍ଟର ସହିତ ଜଡିତ ମାମଲାରେ ଦୋଷୀ ସାବ୍ୟସ୍ତ କରିଥିଲେ । ଏହି ମାମଲା ୨୦୧୦ ମସିହାର । ସେହି ସମୟରେ କରଣ୍ଡା ଥାନାରେ ମୁଖତାର ବିରୋଧରେ ଗ୍ୟାଙ୍ଗଷ୍ଟର ଆଇନରେ ଆଧାରରେ ମାମଲା ରୁଜୁ ହୋଇଥିଲା । ▶▶ପୃଷ୍ଠା ୭

ଚୀନ ଓ ଜାପାନକୁ ପଛରେ ପକାଇବାକୁ ନାରାୟଣ ମୂର୍ତ୍ତି ଦେଲେ ନୂଆ ପ୍ରସ୍ତାବ

ନୂଆଦିଲ୍ଲୀ,୨୭/୧୦ : ଯେତେବେଳେ ସାରା ବିଶ୍ୱରେ ଶ୍ରମିକର ଶ୍ରମ ନିର୍ଘଣ୍ଟ କମୁଛି ଓ ଆହୁରି କମାଇବାକୁ ବ୍ୟବସ୍ଥା କରାଯାଉଛି ସେତେବେଳେ ଇନଫୋସିସର ସହଯୋଗୀ ପ୍ରତିଷ୍ଠାତା ଭାରତ ସରକାରଙ୍କୁ ଏକ ନୂଆ ପରାମର୍ଶ ଦେଇଛନ୍ତି । ଭାରତରେ ସରକାରୀ ସଂସ୍ଥା ହେଉ କି ବେସରକାରୀ ସଂସ୍ଥା ହେଉ ସେଠାରେ କାମ କରୁଥିବା ଶ୍ରମିକ ଠାରୁ ଅଫିସରଙ୍କ ପର୍ଯ୍ୟନ୍ତ ସର୍ବାଧିକ ୮ ରୁ ୯ ଘଣ୍ଟା କାମ କରିବାର ନିୟମ ରହିଛି । ହେଲେ ବିଶିଷ୍ଟ ଆଇଟି କମ୍ପାନୀ ଇନଫୋସିସର ସହଯୋଗୀ ପ୍ରତିଷ୍ଠାତା ନରାୟଣ ମୂର୍ତ୍ତି ପରାମର୍ଶ ଦେଉଛନ୍ତି କି ଦେଶର ଯୁବବର୍ଗ ପ୍ରତିଦିନ ୧୨ ଘଣ୍ଟା କାମ କରିପାରିଲେ ଦେଶ ଦ୍ରୁତ ଗତିରେ ବିକଶିତ ହେବ । ନାରାୟଣ ମୂର୍ତ୍ତି କହିଛନ୍ତି କି ଯେତେବେଳେ ଦେଶର ଯୁବବର୍ଗ ସପ୍ତାହକୁ ୭୦ ଘଣ୍ଟା କାମ କରିବେ ସେତେବେଳେ ଭାରତ ସେହି ଦେଶର ଅର୍ଥ ବ୍ୟବସ୍ଥା ସହିତ ପ୍ରତିଦ୍ୱନ୍ଦିତା କରିପାରିବ ଯେଉଁ ଦେଶଗୁଡିକ ୨ ରୁ ୩ ଦଶନ୍ଧି ଧରି ସଫଳତା ହାସଲ କରିଛନ୍ତି । ନାରାୟଣ ମୂର୍ତ୍ତି ପୋଡକାଷ୍ଟ 'ଦ ରେକର୍ଡ' ପାଇଁ ଇନଫୋସିସର ପୂର୍ବତନ ସିଏଫଓ ମୋହନ ଦାସ ପଇଙ୍କ ସହ ଆଲୋଚନା ବେଳେ ଏକଥା କହିଛନ୍ତି । ସେ କହିଛନ୍ତି କି, ଏବେ ସମୟରେ ଭାରତର କାର୍ଯ୍ୟ ନିର୍ଘଣ୍ଟ ସାରା ବିଶ୍ୱ ତୁଳନାରେ କମ୍ ରହିଛି ।

ଗାଜାରେ ପାଦ ରଖିଲେ, ଇସ୍ରାଏଲ ସେନାକୁ ସେଠାରେ ପୋତିଦେବୁ: ଇରାନ

ନୂଆଦିଲ୍ଲୀ,୨୭/୧୦ :ଇସ୍ରାଏଲ ଓ ହମାସ ମଧ୍ୟରେ ଗତ ୨୦ ଦିନରୁ ଅଧିକ ହେବ ଯୁଦ୍ଧ ଲାଗି ରହିଛି । ହମାସକୁ ନିପାତ କରିବାକୁ ଇସ୍ରାଏଲ ପଣ କରିଛି । ଯେଉଁଥିପାଇଁ ଗାଜା ପଟିରେ ଥିବା ହମାସର ଆଡ୍ଡା ଉପରେ ଲଗାତାର ରକେଟ ମାଡ କରୁଛି । ଅନ୍ୟପଟେ ହମାସ ଓ ଲେବାନନରୁ ହିଜବୁଲ୍ଲା ମଧ୍ୟ ଇସ୍ରାଏଲ ଉପରେ ରକେଟ ଆକ୍ରମଣ କରୁଛନ୍ତି । ଏସବୁ ଭିତରେ ଇରାନ ଇସ୍ରାଏଲକୁ ଖୋଲାଖୋଲି ଧମକ ଦେଇଛି । ଇସ୍ରାଏଲ ସେନା ଯଦି ଗାଜାରେ ପାଦ ଦିଏ ତେବେ ସେଠାରେ ତାଙ୍କୁ ପୋତିଦେବୁ ବୋଲି କହିଛି ଇରାନ । ଇରାନ ପକ୍ଷରୁ କୁହାଯାଇଛି ଯେ, ଇସ୍ରାଏଲ କେବଳ ରକେଟ ମାଡ କରିପାରିବ । କିନ୍ତୁ ଗାଜା ପଟିରେ ପାଦ ଦେଲେ ତାଙ୍କୁ ସେଠାରେ ପୋତି ଦିଆଯିବ । ଇସ୍ରାଏଲ ପାଖରେ କୌଣସି ରାସ୍ତା ନାହିଁ । ଅନ୍ୟପଟେ ଗାଜା ପଟିକୁ ଚତୁଃପାର୍ଶ୍ୱରୁ ଘେରି ରଖିଛି ଇସ୍ରାଏଲ ସେନା । କିନ୍ତୁ ଏବେ ସୁଦ୍ଧା ଗ୍ରାଉଣ୍ଡ ଅପରେସନ ଆରମ୍ଭ କରିନି ଇସ୍ରାଏଲ । କେବଳ ହମାସର ଆଡ୍ଡାକୁ ସର୍ଜିକାଲ ଷ୍ଟ୍ରାଇକ ଜରିଆରେ ଧ୍ୱଂସ କରୁଛି ଇସ୍ରାଏଲ । ଗତ ୨୪ ଘଣ୍ଟାରେ ଇସ୍ରାଏଲ ହମାସର ୫ ଜଣ କମାଣ୍ଡରଙ୍କୁ ନିପାତ କରିଛି । ଗତ ୭ ତାରିଖରେ ହମାସ

ଆତଙ୍କବାଦୀ ସଙ୍ଗଠନ ଇସ୍ରାଏଲ ଉପରେ ଆକ୍ରମଣ କରିଥିଲା । ଯେଉଁଥିରେ ୧୪୦୦ରୁ ଅଧିକ ଲୋକ ପ୍ରାଣ ହରାଇଥିଲେ । ଏହାଛଡା ୨୦୦ରୁ ଅଧିକ ଲୋକଙ୍କୁ ପଣବନ୍ଦୀ କରି ନେଇଥିଲା ହମାସ । ଏହାର ପ୍ରତି ଜବାବରେ ହମାସକୁ ସମୂଳେ ନିପାତ କରିବାକୁ ନିଷ୍ପତ୍ତି ନେଇଛି ଇସ୍ରାଏଲ । ହମାସର ବିଭିନ୍ନ ଆଡ୍ଡା ଉପରେ ବୋମା ପକାଇ ଏହାକୁ ଧ୍ୱଂସ କରୁଛି ଇସ୍ରାଏଲ । ଏବେ ସୁଦ୍ଧା ଇସ୍ରାଏଲର ଆକ୍ରମଣରେ ୭୦୦୦ରୁ ଅଧିକ ଲୋକ ପ୍ରାଣ ହରାଇ ସାରିଲେଣି । ଯେଉଁମାନଙ୍କ ମଧ୍ୟରେ ୩୦୦୦ରୁ ଅଧିକ ଶିଶୁ ଥିବା ଜଣାପଡିଛି । ସେହିଭଳି ଲକ୍ଷାଧିକ ଲୋକ ଏହା ଭିତରେ ଗାଜା ଛାଡି ସାରିଲେଣି ।

ରାଜସ୍ଥାନ ବିଧାନସଭା ନିର୍ବାଚନ ପୂର୍ବରୁ କଂଗ୍ରେସର ପ୍ରତିଶ୍ରୁତି ବର୍ଷା

ନୂଆଦିଲ୍ଲୀ,୨୭/୧୦ :ରାଜସ୍ଥାନ ବିଧାନସଭା ନିର୍ବାଚନ ପୂର୍ବରୁ ଗେହଲଟ ସରକାରଙ୍କ ମାଷ୍ଟରଷ୍ଟ୍ରୋକ । ନିର୍ବାଚନୀ ଇସ୍ତାହାରରେ ଦେଲେ ୫ ପ୍ରତିଶ୍ରୁତି । ଏକ କୋଟି ୫୦ ଲକ୍ଷ ପରିବାରକୁ ୫ଶହ ଟଙ୍କାର ରୋଷେଇ ଗ୍ୟାସ, ଲକ୍ଷ୍ମୀ ଯୋଜନାରେ ଘରର ମହିଳା ମୁଖ୍ୟଙ୍କୁ ବାର୍ଷିକ ୧୦ହଜାର ଟଙ୍କା, ୨ଟଙ୍କା କିଲୋରେ ଗୋବର ଘଷି, ସରକାରୀ କଲେଜର ଛାତ୍ରଛାତ୍ରୀଙ୍କୁ ପ୍ରଥମ ବର୍ଷ ମାଗଣାରେ ଲ୍ୟାପଟପ ଓ ଟ୍ୟାବଲେଟ, ୧୫ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବିମାରାଶି, ଓପିଏସ ଗ୍ୟାରେଟିଂ ଦେଇଛନ୍ତି ଗେହଲଟ ସରକାର ।

ଟ୍ରଷ୍ଟ ପକ୍ଷରୁ ମିଳିତ ଜାତିସଂଘ ଦିବସ ପାଳନ

କେନ୍ଦ୍ରାପଡ଼ା, ୨୭/୧୦ (ନି.ପ୍ର): କେନ୍ଦ୍ରାପଡ଼ା ପୌରାଂଚଳ ଅନ୍ତର୍ଗତ ରସୁଲାବାଦ ଠାରେ ଥିବା ଜାବିର ବିନ କବିର ଟ୍ରଷ୍ଟ ପକ୍ଷରୁ ମିଳିତ ଜାତିସଂଗ ଦିବସ ପାଳନ ହୋଇ ଯାଇଛି । ସେକ ଲିୟାକତ ଅଲ୍ଲୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଦିବସରେ ମିଳିତ ଜାତିସଂଗ ସଂଗଠନ, ଶାନ୍ତି ଓ ନିରାପତା ବଜାୟ ରଖିବା, ରାଷ୍ଟ୍ରମାନଙ୍କ ମଧ୍ୟରେ ବନ୍ଧୁତାପୂର୍ଣ୍ଣ ସଂପର୍କର ବିକାଶ, ଆନ୍ତର୍ଜାତୀୟ ସହଯୋଗ ହାସଲ କରିବା ଏବଂ ରାଷ୍ଟ୍ର ଗୁଡିକର କାର୍ଯ୍ୟକଳାପ କୁ ସୁସଂଗଠିତ କରିବା ପାଇଁ ଏକ କେନ୍ଦ୍ର ଭାବରେ କାର୍ଯ୍ୟ କରିବାକୁ ଆଲୋଚନା କରାଯାଇ ଥିଲା । ଜାତିସଂଗରେ ଭାରତର ଏକ ସ୍ୱତନ୍ତ୍ର ପରିଚୟ ଥିବା ସଂପର୍କରେ ସଦସ୍ୟମାନେ ପ୍ରଶଂସା କରିଥିଲେ । ଆୟୋଜିତ ଏହି କାର୍ଯ୍ୟକ୍ରମରେ ସଭାପତି ମହମ୍ମଦ ଅମୀରଙ୍କ ସମେତ ସୌକତ ଖାନ, ଅବରାର ହସରତ ଖାନ, ଏନାମୁଲ ହକ, ନଇମ ଖାନ, ସେମ ସମସେର ପ୍ରମୁଖ ଉପସ୍ଥିତ ଥିଲେ ।

ସଂସ୍କୃତ ପରିଷଦ ବଲାଙ୍ଗିରର ମାସିକ ଅଧିବେଶନ

ବଲାଙ୍ଗିର , ୨୭/୧୦ (ନି.ପ୍ର): ସମ୍ପାଦକ ଜୟରାମ ମିଶ୍ରଙ୍କ ଆହ୍ୱାନ କ୍ରମେ ସଂସ୍କୃତ ପରିଷଦ ବଲାଙ୍ଗିରର ମାସିକ ଅଧିବେଶନ ନୃସିଂହ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି।। ସଭାପତି ଶ୍ରୀ ନୀଳମଣି ମିଶ୍ର ଉପସ୍ଥିତ ସମସ୍ତଙ୍କୁ ଦଶହରାର ଶୁଭେଚ୍ଛା ଜଣାଇ ସଭାକାର୍ଯ୍ୟ ଆରମ୍ଭ କରିଥିଲେ। ଗତ ଅଧିବେଶନର ବିବରଣୀ ପାଠ ପରେ କୋଷାଧକ୍ଷ ଶ୍ରୀ ରାଜ କିଶୋର ପଣ୍ଡା ମୁଖ୍ୟବକ୍ତା ଦାୟିତ୍ୱ ତୁଲାଇଥିଲେ।ସେ ନିଜର ଅଭିଭାଷଣରେ ଭାରତୀୟ ସଂସ୍କୃତିକୁ ଭିତ୍ତିକରି ' କନ୍ୟା ରତ୍ନ' ର ମହତ୍ତ୍ୱ ବୁଝାଇଥିଲେ। ରାମାୟଣ, ମହାଭାରତ, ଭାଗବତ, ଉପନିଷଦ ତଥା ଅଭିଜ୍ଞାନ ଶକୁନ୍ତଳାର ବିଭିନ୍ନ ଚରିତ୍ରକୁ ଆଧାର କରି ପୁତ୍ରର ସଂଜ୍ଞା ଓ କନ୍ୟାରତ୍ନର ସଂଜ୍ଞା ମଧ୍ୟରେ ଥିବା ସାମଞ୍ଜସ୍ୟ ଓ ତାରତମ୍ୟକୁ ପ୍ରାଞ୍ଜଳ ଭାବେ ବୁଝାଇଥିଲେ । ଶେଷରେ ପର୍ଶୁରାମ ନାୟକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।ଏହି ଅଧିବେଶନରେ ଜଗଦୀଶ ପ୍ରସାଦ ନାଥ, ବିଶ୍ୱନାଥ ଶତପଥୀ, ପୁରୁଷୋତ୍ତମ ପଣ୍ଡା, ବନମାଳୀ ନନ୍ଦ,ଆହ୍ଲାଦ କୁମାର ପୂଜାରୀ ପ୍ରମୁଖ ଏହି ସାଂଗଠନିକ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

ଭୋଟର ତାଲିକା ପର୍ଯ୍ୟବେକ୍ଷକଙ୍କ ବୈଠକ

ଭୁବନେଶ୍ୱର, ୨୭/୧୦ (ନି.ପ୍ର): ଆଗାମୀ ସାଧାରଣ ନିର୍ବାଚନ-୨୦୨୪ ନିମନ୍ତେ ଏକ ତ୍ରୁଟିଶୂନ୍ୟ ଭୋଟର ତାଲିକା ପ୍ରସ୍ତୁତି ପରିପେକ୍ଷୀରେ ମୁଖ୍ୟ ନିର୍ବାଚନ ଅଧିକାରୀ ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ ରାଜ୍ୟର ଭାରତୀୟ ପ୍ରଶାସନିକ ସେବାର ୧୮ ଜଣ ବରିଷ୍ଠ ଅଧିକାରୀମାନଙ୍କୁ 'ଭୋଟର ତାଲିକା ପର୍ଯ୍ୟବେକ୍ଷକ' ଭାବେ ପୂର୍ବରୁ ନିଯୁକ୍ତି କରି ଆଜି ସେମାନଙ୍କୁ ନେଇ ଏକ ବୈଠକ କରିଛନ୍ତି। ପ୍ରତ୍ୟେକ ବରିଷ୍ଠ ଅଧିକାରୀ ଯେଉଁମାନେ ପୂର୍ବରୁ ରାଜ୍ୟର ବିଭିନ୍ନ ଜିଲ୍ଲାରେ ଜିଲ୍ଲାପାଳ ଭାବେ କାର୍ଯ୍ୟ କରିଛନ୍ତି ଓ ବିଶେଷ ଅଭିଜ୍ଞତା ହାସଲ କରିଛନ୍ତି। ଜଣେ ଲେଖାଏଁ ବରିଷ୍ଠ ଅଧିକାରୀ ଦୁଇଗୋଟି ଜିଲ୍ଲାର ଭୋଟର ତାଲିକା ପର୍ଯ୍ୟବେକ୍ଷକ ଦାୟିତ୍ୱ ତୁଲାଇବେ ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ ଶ୍ରୀ ଧଳ ବୈଠକରେ ପ୍ରକାଶ କରିଛନ୍ତି। ଆସନ୍ତା ନଭେମ୍ବର ମାସରେ ହେବାକୁ ଥିବା ୪ ଗୋଟି ସ୍ୱତନ୍ତ୍ର ଅଭିଯାନ ଦିବସ ଯଥା- ନଭେମ୍ବର ୫ ତାରିଖ ଓ ନଭେମ୍ବର ୧୯ ତାରିଖ (ଉଭୟ ରବିବାର) ଏବଂ ନଭେମ୍ବର ୧୧ ତାରିଖ ଓ ନଭେମ୍ବର ୨୫ ତାରିଖ (ଉଭୟ ଶନିବାର)ରେ ରାଜ୍ୟର ସମୁଦାୟ ୩୭୮୦୯ ଗୋଟି ଭୋଟ ଗ୍ରହଣ କେନ୍ଦ୍ରରେ ବୁଥ୍ ସ୍ତରୀୟ ଅଧିକାରୀମାନେ ଉପସ୍ଥିତ ରହି ଯୋଗ୍ୟ ଭୋଟରମାନଙ୍କୁ ତାଲିକାଭୁକ୍ତ କରିବା ସହ ଅଯୋଗ୍ୟ ତଥା ମୃତ ଭୋଟରଙ୍କ ତାଲିକା ପ୍ରସ୍ତୁତ କରିବା ଇତ୍ୟାଦିରେ ନାଗରିକମାନଙ୍କୁ ସହାୟତା କରିବେ। ଉକ୍ତ ଦିନମାନଙ୍କରେ ଭୋଟର ତାଲିକା ପର୍ଯ୍ୟବେକ୍ଷକମାନେ ଦାୟିତ୍ୱରେ ଥିବା ଜିଲ୍ଲାର ଭୋଟଗ୍ରହଣ କେନ୍ଦ୍ର ପରିଦର୍ଶନ କରି ବୁଥ୍‌ସ୍ତରୀୟ ଅଧିକାରୀମାନେ ବୁଥ୍ ରେ କିପରି କାର୍ଯ୍ୟ କରୁଛନ୍ତି ତାହା ତଦାରଖ କରିବା ସହ ଉପସ୍ଥିତ ଥିବା ଯୁବ ଓ ନୂତନ ଭୋଟରମାନଙ୍କୁ ଭୋଟର ତାଲିକାରେ ନାମ ପଞ୍ଜିକରଣ ନିମନ୍ତେ ଉତ୍ସାହିତ କରିବେ। ଏତଦ୍‌ବ୍ୟତୀତ ଭୋଟର ତାଲିକା ପର୍ଯ୍ୟବେକ୍ଷକମାନେ ପ୍ରକାଶ ପାଇଥିବା ଚିଠା ଭୋଟର ତାଲିକା ତନଖି କରି ଅଯୋଗ୍ୟ ଭୋଟରଙ୍କୁ ତାଲିକାରୁ ବାଦ ଦେବା ନିମନ୍ତେ ଭୋଟର ପଞ୍ଜିକରଣ ଅଧିକାରୀଙ୍କୁ ପରାମର୍ଶ ଦେଇପାରିବେ ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ ଶ୍ରୀ ଧଳ ବୈଠକରେ ପ୍ରକାଶ କରିଛନ୍ତି। ଭୋଟର ତାଲିକାର ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ କାର୍ଯ୍ୟ ସମୟରେ ଭୋଟର ତାଲିକା ପର୍ଯ୍ୟବେକ୍ଷକମାନେ ଦାୟିତ୍ୱରେ ଥିବା ଜିଲ୍ଲାରେ ନିଜ ଦାୟିତ୍ୱ ତୁଲାଇବା ସଂପର୍କରେ ଏକ ରିପୋର୍ଟ ସିଧାସଳଖ ଭାରତ ନିର୍ବାଚନ ଆୟୋଗଙ୍କ ସଚିବଙ୍କୁ ଏବଂ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ପ୍ରଦାନ କରିବେ। ଭୋଟର ତାଲିକା ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତ ହୋଇଥିବା ଭାରତୀୟ ପ୍ରଶାସନିକ ସେବାର ବରିଷ୍ଠ ଅଧିକାରୀମାନେ ହେଲେ ଭାସ୍କାରଜ୍ୟୋତି ଶର୍ମା, ଟି. ଓଞ୍ଜାପାଙ୍ଗ୍ ଆଓ, ଡ. ସୁରେଶ ଚନ୍ଦ୍ର ଦଳାଇ, ଜ୍ଞାନ ରଞ୍ଜନ ଦାସ, ଭୂପେନ୍ଦ୍ର ସିଂହ ପୁନିଆ, ଶ୍ରୀମତୀ ଯାମିନୀ ଷଡ଼ଙ୍ଗୀ, ଶ୍ରୀ ବି. ପରମେଶ୍ୱର, ବିଜୟ କେତନ ଉପାଧ୍ୟାୟ, ଏନ୍. ତିରୁମାଲା ନାୟକ, ଡ. ବୃନ୍ଦା ଡି., ମହମ୍ମଦ ସାଦିକ୍ ଆଲାମ୍, ପ୍ରେମଚନ୍ଦ୍ର ଚୌଧାରୀ, ଅରିନ୍ଦମ୍ ଡାକୁଆ,ରେଘୁ ଜି., ଅନୁପମ୍ ସାହା, ଡ. ପୋମା ଟୁଡୁ, ସରୋଜ କୁମାର ସାମଲ ଏବଂ ଶୁଭମ ସାକ୍‌ସେନା। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ଦ୍ୱୟ ଶତ୍ରୁଘ୍ନ କର ଏବଂ ମିହିର ପ୍ରସାଦ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

ମା' ସମଲେଶ୍ୱରୀଙ୍କ ମନ୍ଦିରରେ କୁମାରପୂର୍ଣ୍ଣମୀ ନୀତିନିର୍ଘଂଟ

ସମ୍ବଲପୁର, ୨୭/୧୦ (ନି.ପ୍ର): ଆଗାମୀ ୨୮ ତାରିଖ ଶନିବାର କୁମାରପୂର୍ଣ୍ଣମୀ ପଡୁଥିବା ଯୋଗୁଁ ମା ସମଲେଶ୍ୱରୀଙ୍କ ପୀଠରେ ସ୍ୱତନ୍ତ୍ର ନୀତି ନିର୍ଘଂଟ ହୋଇଛି । କୁମାରପୂର୍ଣ୍ଣମୀ ଦିନ ଚନ୍ଦ୍ର ଗ୍ରହଣ ହେଉଥିବାରୁ ଏହାକୁ ଦୃଷ୍ଟିରେ ରଖି ମନ୍ଦିର ଟ୍ରଷ୍ଟ ବୋର୍ଡ ଓ ମନ୍ଦିର ପୂଜକଙ୍କ ଏକ ସମନ୍ୱୟ ବୈଠକରେ ମିଳିତ ନିଷ୍ପତି କ୍ରମେ ସ୍ୱତନ୍ତ୍ର ନୀତିନିର୍ଘଂଟ ସ୍ଥିରୀକୃତ ହୋଇଛି । ଶନିବାର ପ୍ରାତଃ ୫ଟାରେ ମାଁ''ଙ୍କ ମଙ୍ଗଳ ଆଳତି ପରେ ଅନ୍ୟ ସମସ୍ତ ନୀତିକାନ୍ତି ଶେଷ ହେବ । ସକାଳ ୬ଟାରୁ ଦିନ ୧୧ଟା ୪୫ ମିନିଟ୍ ପର୍ଯ୍ୟନ୍ତ ଶ୍ରଦ୍ଧାଳୁଙ୍କ ପାଇଁ ସାଧାରଣ ଦର୍ଶନ ବ୍ୟବସ୍ଥା । ଦିନ ୧୧ଟା ୪୫ ମିନିଟ୍ ରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ସାଧାରଣ ଦର୍ଶନ ବନ୍ଦ ରହିବ। ଏହି ସମୟରେ ମା''ଙ୍କ ଅନ୍ନଭୋଗ ଲାଗି ହେବା ପରେ ମା''ଙ୍କ ଶୃଙ୍ଗାର ଓ ରାଜ ରାଜେଶ୍ୱରୀ ବେଶ ଅନୁଷ୍ଠିତ ହେବ। ଏହାପରେ ମା ସମଲେଶ୍ୱରୀଙ୍କ ମନ୍ଦିରରେ ଧ୍ୱଜାରୋହଣ ପର୍ବ ଓ ମହାଦୀପ ଉଠିବ । ଅପରାହ୍ନ ୨ଟାରୁ ଅପରାହ୍ନ ୩ଟା ୧୫ ମିନିଟ୍ ପର୍ଯ୍ୟନ୍ତ ଶ୍ରଦ୍ଧାଳୁମାନେ ମା''ଙ୍କୁ ଦର୍ଶନ କରିବା ପରେ ଚନ୍ଦ୍ରଗ୍ରହଣ ହେତୁ ମନ୍ଦିର ବନ୍ଦ ରହିବ ବୋଲି ଧାର୍ଯ୍ୟ ନୀତି ନିର୍ଘଂଟରୁ ଜଣାଯାଇଛି।

ବସ୍ତି ବାସିନ୍ଦା ସଂଘଙ୍କୁ ତାଲିମ୍

ଜୟପୁର, ୨୭/୧୦ (ନି.ପ୍ର): ବସ୍ତି ବାସିନ୍ଦା ସଂଘ ଏସଡିଏ ମାନଙ୍କୁ ଦକ୍ଷତା ବୃଦ୍ଧି ତାଲିମ ଶିବିର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଜୟପୁର ଟାଉନ ହଲ ଠାରେ ପୌରପାଳିକା ପକ୍ଷରୁ ଗୁରୁବାର ଏହା ଆରମ୍ଭ ହୋଇଛି । ତିନି ଦିନ ଧରି ଏହି ତାଲିମ ଶିବର ଅନୁଷ୍ଠିତ ହେବ ।ଏହି ତାଲିମ ଶିବିରରେ ଜୟପୁର ପୌର ଅଧ୍ୟକ୍ଷ ନରେନ୍ଦ୍ର କୁମାର ମହାନ୍ତି, ପୌର କାର୍ଯ୍ୟନିବାହୀ ଅଧିକାରି ସିଦ୍ଧାର୍ଥ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି ତାଲିମ ଦେଇଥିଲେ । ବସ୍ତି ବାସିନ୍ଦାଙ୍କ ବିକାଶ ଉପରେ ତାଲିମ ଦିଆଯାଇଥିଲା।

ଗଜଲକ୍ଷ୍ମୀ ମେଲଣ ଓ ଭସାଣୀ ପାଇଁ ପ୍ରଶାସନର ସମୟ ନିର୍ଦ୍ଧାରଣ

କେନ୍ଦ୍ରାପଡ଼ା, ୨୭/୧୦ (ନି.ପ୍ର): କେନ୍ଦ୍ରାପଡାର ଗଣପର୍ବ ଗଜଲକ୍ଷ୍ମୀ ପୂଜା ଓ ଭସାଣୀ ଉପଲକ୍ଷେ ପ୍ରଶାସନ ପକ୍ଷରୁ ସମନ୍ୱୟ ବୈଠକ କରାଯାଇ ଭସାଣୀ ପାଇଁ ସମୟ ନିର୍ଦ୍ଧାରଣ କରାଯାଇଛି । ପୌର ପରିଷଦ ଟାଉନ ହଲ ଠାରେ ଅତିରିକ୍ତ ଜିଲ୍ଲାପାଳ ନିଲୁ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଜଳନ୍ଧର ଜାଲି, ଉପ ଜିଲ୍ଲାପାଳ ରବିନ୍ଦ୍ର ପ୍ରଧାନ, ଏସଡିପିଓ ଦେବେନ୍ଦ୍ର କୁମାର ମଲିକ, ପୌର ନିର୍ବାହୀ ଅଧିକାରୀ ପ୍ରଫୁଲ୍ଲ କୁମାର ବିଶ୍ୱାଳ, ଟାଉନ ଥାନା ଅଧିକାରୀ ଦିଲିପ କୁମାର ସାହୁ, କେନ୍ଦ୍ରୀୟ ପୂଜା କମିଟି ର ସଭାପତି ଯୁଗଳ କିଶୋର ବେହେରା ଓ ସଂପାଦକ ବିଶ୍ୱ ରଞ୍ଜନ ସିଂହଙ୍କ ସମେତ ସମସ୍ତ ପୂଜା କମିଟିର କର୍ମକର୍ତା ମାନେ ଉପସ୍ଥିତ ଥିଲେ । ୩ ତାରିଖ ମଣ୍ଡପରେ ବିସର୍ଜନ ପରେ ୪ ତାରିଖ ଦିନ ସମସ୍ତ ମେଢ ରାତ୍ର ସୁଦ୍ଧା ପୁରୁଣା ବସଷ୍ଟାଣ୍ଡ ସ୍ଥିତ ମେଲଣ ପଡିଆରେ ଏକତ୍ରିତ ହେବେ । ସେଠାରେ କେନ୍ଦ୍ରୀୟ ପୂଜା କମିଟି ପକ୍ଷରୁ ଭୋଗଲାଗି କରାଯାଇ ମେଲଣ ଅନୁଷ୍ଠିତ ହେବ । ୫ ତାରିଖ ରବିବାର ପୁରୁଣା ବସଷ୍ଟାଣ୍ଡରୁ ସାନ୍ତସାହି, କେଶପୁର ବଜାର ଓ ସାନମଙ୍ଗଳା ଆଡକୁ ଆସିବାକୁ ଥିବା ୨୨ଟି ମେଢ ମଧ୍ୟରୁ ସର୍ବପ୍ରଥମେ ବ୍ୟାସ ସରୋବର ମେଢ ୧୦ଟା ୧୫ ମିନିଟ ରେ ଆସ୍ଥାନ ଛାଡି ପ୍ରତ୍ୟାବର୍ତନ ଆରମ୍ଭ କରିବା ସହ ଲଟେରୀ ଅନୁଯାଇ କ୍ରମାନ୍ୱୟରେ ସମସ୍ତ ମେଢ ପ୍ରତ୍ୟାବର୍ତନ କରିବେ । ସେହିଭଳି ପୁରୁଣା ବସଷ୍ଟାଣ୍ଡରୁ ବଡହାଟ, ନୂଆ ବସଷ୍ଟାଣ୍ଡ ଓ ତିନିମୁହାଣୀ ଆଡକୁ ଯିବାକୁ ଥିବା ମେଢ ଗୁଡିକ ମଧ୍ୟରୁ ନୂଆ ବସଷ୍ଟାଣ୍ଡ ର ମା'ଥାନପତୀ ମେଢ ସକାଳ ୧୦ଟା ସମୟରେ ପୁରୁଣା ବସଷ୍ଟାଣ୍ଡରୁ ବାହାରିବା ପରେ ଲଟେରୀ ଅନୁଯାଇ ୨୫ଟି ମେଢ କ୍ରମାନ୍ୱୟରେ ପ୍ରତ୍ୟାବର୍ତନ ଆରମ୍ଭ କରିବେ । ପ୍ରତ୍ୟେକ ମେଢ ଆସ୍ଥାନ ଛାଡିବାର ସମୟ ମଧ୍ୟରେ ପ୍ରାୟ ୨୦ ମିନିଟରୁ ୪୫ ମିନିଟ୍ ପର୍ଯ୍ୟନ୍ତ ବ୍ୟବଧାନ ରଖାଯାଇଛି । ସେହିଭଳି ପୁରୁଣା ବସଷ୍ଟାଣ୍ଡ ର ଥାନପତୀ ମେଢ ସୋମବାର ପ୍ରାରମ୍ଭିକ ରୀତି ଅନୁଯାଇ ସ୍ୱତନ୍ତ୍ର ଭାବେ ଶୋଭାଯାତ୍ରାରେ ଭସାଣୀ ଘାଟକୁ ଯାତ୍ରା କରିବେ ବୋଲି ଜଣାପଡିଛି ।

ଦୁହୁରିଆ କ୍ରସିଂ ବଜାରରେ ମେଢ ସ୍ଥାପନକୁ ନେଇ ୨ ଗୋଷ୍ଠୀ ମଧ୍ୟରେ ବିବାଦ

କେନ୍ଦ୍ରାପଡ଼ା, ୨୭/୧୦ (ନି.ପ୍ର): କେନ୍ଦ୍ରାପଡା ସଦର ଥାନା ଅନ୍ତର୍ଗତ ଶୁଭଲକ୍ଷ୍ମୀ କ୍ରସିଂ ବଜାର ବ୍ୟବସାୟ ସଂଘ ତରଫରୁ ଦୀର୍ଘ ବର୍ଷ ହେଲା ଦୁହୁରିଆ ଠାରେ ମା' ଗଜଲକ୍ଷ୍ମୀ ପୂଜା ନିଜସ୍ୱ ମଣ୍ଡପରେ ହୋଇ ଆସୁଥିବା ବେଳେ ଚଳିତ ବର୍ଷ ଅନ୍ୟ ଏକ ଗୋଷ୍ଠୀ ସେଠାରେ ପୂଜା କରିବା ପାଇଁ ଦାବି କରିବାରୁ ବିବାଦ ସୃଷ୍ଟି ହୋଇଛି । ପୂର୍ବରୁ ମା' ଗଜଲକ୍ଷ୍ମୀ ପୂଜା ପାଇଁ କ୍ରସିଂ ବଜାର କମିଟି ତରଫରୁ ଉପ ଜିଲ୍ଲାପାଳଙ୍କ ନିକଟରେ ମେଢ କରିବା ପାଇଁ ଆବେଦନ କରାଯାଇଥିଲା । ଉପ ଜିଲ୍ଲାପାଳ ନିୟମ ମୁତାବକ ଥାନା ଅଧିକାରୀ, ବିଦ୍ୟୁତ୍ ବିଭାଗ, ଅଗ୍ନିଶମ ବିଭାଗ ପକ୍ଷରୁ ଅନୁମତି ଆଣିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ବିଦ୍ୟୁତ୍ ବିଭାଗ, ଅଗ୍ନିଶମ ବିଭାଗ ପକ୍ଷରୁ ଅନୁମତି ଆଣିବା ପରେ ସଦର ଥାନା ଅଧିକାରୀ ଅନୁମତି ପ୍ରଦାନ କରିବା ପରିବର୍ତେ ଅନ୍ୟ ଏକ ଗୋଷ୍ଠୀ ଲୋକଙ୍କ କଥାରେ ପଡି ମଣ୍ଡପରେ ପୂଜା କରାଇ ନଦେବାକୁ କହିବାରୁ ପୂଜା କମିଟିର ସଦସ୍ୟମାନେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ସମ୍ପଦ ସମିତ ମଡକରଙ୍କୁ ଭେଟି ଅଭିଯୋଗ କରିଛନ୍ତି । ଦୀର୍ଘ ବର୍ଷ ହେଲା ଏହି ମଣ୍ଡପରେ ମା' ଗଜଲକ୍ଷ୍ମୀ ପୂଜାପାଇ ଆସୁଥିବା ବେଳେ କୌଣସି କାରଣ ନଥାଇ ଉଭୟ ଗୋଷ୍ଠୀଙ୍କ ମଧ୍ୟରେ ବିବାଦ ଲାଗି ରହିଥିବାରୁ ଆରକ୍ଷୀ ଅଧିକ୍ଷକ ଏହାକୁ ସମାଧାନ କରିବା ପାଇଁ କେନ୍ଦ୍ରାପଡା ଏସଡିଓ ଦେବେନ୍ଦ୍ର କୁମାର ମଲିକଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି । ଶୁଭଲକ୍ଷ୍ମୀ କ୍ରସିଂ ବଜାର କମିଟି ତରଫରୁ ପୂଜାପାଇଁ ସମସ୍ତ କାର୍ଯ୍ୟକ୍ରମ ସରିଥିବା ବେଳେ ଥାନା ତରଫରୁ ଅନୁମତି ନମିଳିବାରୁ ଅସନ୍ତୋଷ ପ୍ରକାଶ ପାଇଛି । ତୁରନ୍ତ ଏହାର ସମାଧାନ କରିବା ପାଇଁ ବ୍ୟବସାୟୀ ସଂଘ ତରଫରୁ ଦାବି କରାଯାଇଛି ।

ଚିତ୍ରଶିଳ୍ପୀ ରାମହରି ଜେନାଙ୍କୁ ସୁରେଶ ସୃଜନ ସମ୍ମାନ

ଭୁବନେଶ୍ୱର, ୨୭/୧୦ (ନି.ପ୍ର): ଲୋକସଂସ୍କୃତି ଉପାଦାନଗୁଡ଼ିକର ପ୍ରାଧାନ୍ୟ ଓ ପ୍ରଭାବ ସବୁବେଳେ ସ୍ୱୀକୃତ। ଏହା ଗୋଟିଏ ଜାତିର ସ୍ୱରୂପ ନିର୍ମାଣ କରିଥାଏ ବୋଲି ବିଶିଷ୍ଟ ଲୋକସଂସ୍କୃତି ବିଶାରଦ ତଥା ବନାରସ୍ ହିନ୍ଦୁ ବିଶ୍ୱବିଦ୍ୟାଳୟର ପ୍ରଫେସର ଡ. ସଦାନନ୍ଦ ଶାହୀ ଉଲ୍ଲେଖ କରିଛନ୍ତି। ସୁରେଶ ବଳବନ୍ତରାୟ ଫାଉଣ୍ଡେସନ୍ ଆନୁକୂଲ୍ୟରେ ଆୟୋଜିତ 'ସୁରେଶ ସମାବେଶ'ରେ ଯୋଗଦେଇ ପ୍ରଫେସର ଶାହୀ କହିଲେ ଯେ ଆମର ସାହିତ୍ୟ, ଜୀବନଧାରା ଓ ଭାଷା ବ୍ୟବହାର ଉପରେ ଲୋକସଂସ୍କୃତିର ପ୍ରଭାବ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ତେଣୁ ଏହାର ସଂରକ୍ଷଣ, ପ୍ରସାର ଓ ସଂଗ୍ରହଣ ଅତ୍ୟନ୍ତ ଆବଶ୍ୟକ। ପ୍ରାକ୍ତନ ସାଂସଦ, କବି ତଥା ରାଜ୍ୟ ଯୋଜନା ବୋର୍ଡ ସଦସ୍ୟ ଡ. ପ୍ରସନ୍ନ ପାଟଶାଣୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଫାଉଣ୍ଡେସନ୍ ର କାର୍ଯ୍ୟକ୍ରମକୁ ପ୍ରଶଂସା କରିବା ସହିତ ସାଂସ୍କୃତିକ ଜାଗରଣ ବଳରେ ସମାଜ ଓ ସଭ୍ୟତାର ଅଗ୍ରଗତି ସାଧିତ ହୋଇଥାଏ ବୋଲି କହିଥିଲେ। ସ୍ଥାନୀୟ ଗୀତଗୋବିନ୍ଦ ସଦନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ 'ୟୁନେସ୍କୋ' ଭାଷା ପୁରସ୍କାର ବିଜେତା ତଥା ଗବେଷକ ଡ. ମହେନ୍ଦ୍ର କୁମାର ମିଶ୍ର ଯୋଗଦେଇ ସ୍ୱର୍ଗତ ସୁରେଶ ବଳବନ୍ତରାୟଙ୍କ କୃତି ଓ ବ୍ୟକ୍ତିତ୍ୱ ଉପରେ ଆଲୋକପାତ କରିବା ସହିତ ଲୋକସଂସ୍କୃତିର ପ୍ରସାର ନିମନ୍ତେ ସମାଜର ସବୁ ମହଲରୁ ଉଦ୍ୟମ ହେବା ଉପରେ ଗୁରୁତ୍ୱାରୋପ କରିଥିଲେ। ଫାଉଣ୍ଡେସନ୍ ର ସଭାପତି ଡ.ହରେକୃଷ୍ଣ ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଶିଷ୍ଟ ଚିତ୍ରଶିଳ୍ପୀ ରାମହରି ଜେନାଙ୍କୁ 'ସୁରେଶ ସୃଜନ ସମ୍ମାନ' ପ୍ରଦାନ କରାଯାଇଥିବାବେଳେ ଶ୍ରୀ ଜେନା ତାଙ୍କ କୃତଜ୍ଞତା ପ୍ରକାଶ କରିଥିଲେ। ଅତିଥିମାନଙ୍କ ଦ୍ୱାରା ଫାଉଣ୍ଡେସନ୍ ଆନୁକୂଲ୍ୟରେ ପ୍ରକାଶିତ ଏକ ପୁସ୍ତକ 'ଦଣ୍ଡନୃତ୍ୟ: ଭିତି ଓ ଭୂମି' ଲୋକାର୍ପିତ ହୋଇଥିଲା। ଫାଉଣ୍ଡେସନ୍ ପକ୍ଷରୁ ଭାଷାବିଜ୍ଞାନୀ ଡ. ଦେବାଶିଷ ମହାପାତ୍ର ସ୍ୱାଗତ ଭାଷଣ ଦେଇଥିଲେ ଓ ସଂପାଦକ ଅଧ୍ୟାପିକା ଡ. ଅନ୍ୟା ଅନୁରୂପା ବିବରଣୀ ପାଠ କରିଥିଲେ। ଶାଶ୍ୱତୀ ଜେନା ମାନପତ୍ର ପାଠ କରିଥିବାବେଳେ ପ୍ରକାଶକ ସୁଧୀର ମଉଡ଼ମଣି ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ବହୁ ବୁଦ୍ଧିଜୀବୀ, ଗବେଷକ, ଶିଳ୍ପୀ, ସାହିତ୍ୟିକ ଓ ସଂସ୍କୃତିପ୍ରେମୀ ସମବେତ ହୋଇଥିଲେ।

ବଦଳୁଛି ଚନ୍ଦକା: ବାଘ ଛିଡ଼ିଲେ, ହାତୀ ବଢ଼ିଲେ

ଭୁବନେଶ୍ୱର, ୨୭/୧୦ (ନି.ପ୍ର): ଚନ୍ଦକା-ଡମପଡ଼ା ଅଭୟାରଣ୍ୟରେ ଆଉ ବାଘ ନାହାନ୍ତି। ଦୁଇ ଦଶନ୍ଧି ହେଲା ମହାବଳ ଶୂନ୍ୟ ହୋଇଥିବା ଏହି ଅଭୟାରଣ୍ୟରୁ କଲରାପତରିଆ ବଂଶ ମଧ୍ୟ ନିପାତ ହୋଇଛନ୍ତି। ଡମପଡ଼ା, ଗୋଡ଼ିବାରି, ପିଠାଖିଆ, ଡାହାଣିଗଡ଼ିଆ, ଅୟାଖଲି, ପିଠାଗଡ଼ିଆ, ନହରଥାଳି, ସୁନାଖଣି, କୁଆସର ପରି ସ୍ଥାନରେ ୧୬ଟି କ୍ୟାମେରା ଲଗାଇ ବାଘଙ୍କ ଗତିବିଧି ଉପରେ ନଜର ରଖାଯାଇଥିଲା। ଏଥିସହ ପଗ୍ ମାର୍କ(ପାଦଚିହ୍ନ) ଜରିଆରେ ବାଘ ଖୋଜା ହୋଇଥିଲେ ମଧ୍ୟ କୌଣସି ସୁଫଳ ମିଳିନି। ଅଭୟାରଣ୍ୟରୁ ବାଘ ବଂଶ ସମ୍ପୂର୍ଣ୍ଣ ବୁଡ଼ି ଯାଇଛନ୍ତି। ୨୦୧୯ରେ ଭୁବନେଶ୍ୱର ସହରକୁ ପଶି ଆସିଥିବା କଲରାପତରିଆକୁ ପରବର୍ତ୍ତୀ ସମୟରେ ଏହି ଜଙ୍ଗଲରେ ଛଡ଼ାଯାଇଥିଲେ ମଧ୍ୟ ତାହା ଚଳିତ ଥର ଗଣନା

ଭୁଲ୍ ସ୍ୱୀକାର କରନ୍ତୁ...

ଭୁଲ୍ ସମସ୍ତଙ୍କର ହୁଏ । କେହି କେହି ନିଜର ଭୁଲ ସ୍ୱୀକାର କରି ଆଗକୁ ବଢ଼ିଚାଲନ୍ତି ତ ଆଉ କେହି ନିଜର ଦୋଷକୁ ପର ଉପରେ ଲଦି ଦେଇଥାନ୍ତି । କିନ୍ତୁ ସେ ବୁଝନ୍ତି ନାହିଁ ଯେ ଏପରି କରିବା ଦ୍ୱାରା କ୍ଷତି ନିଜର ହିଁ ହୋଇଥାଏ । କାରଣ ବାସ୍ତବରେ ସଫଳ ହେବାକୁ ଚାହୁଁଥିଲେ, ନିଜର ଭୁଲ୍‌କୁ ସ୍ୱୀକାର କରିବା ଶିଖନ୍ତୁ ।



ହୃଦୟରୁ ସ୍ୱୀକାର କରନ୍ତୁ: ଭୁଲ୍ ଛୋଟ ହେଉ ଅବା ବଡ଼ ସସ୍ୱୀକାର କରିବା ଜରୁରୀ । ମାତ୍ର ଆମେ ଅନେକ ସମୟରେ ଭୁଲ୍ ପାଇଁ କ୍ଷମା ପ୍ରାର୍ଥନା କରିବା ପରିବର୍ତ୍ତେ ଅନ୍ୟ ଉପରେ ଦୋଷ ଲଦି ଦେଇଥାଉ । ଆମ ହୃଦୟ ଭୁଲ୍‌କୁ ସ୍ୱୀକାର କରୁଥିବା ବେଳେ ଅହଙ୍କାର କ୍ଷମା ପ୍ରାର୍ଥନା କରିବାକୁ ଦିଏନା । କିନ୍ତୁ ଦୋଷ ଅନ୍ୟ ଉପରେ ଲଦିବା ଫଳରେ କେବେ ସମ୍ପର୍କ ତୁଟେ ତ ଆଉ କେବେ କ୍ୟାରିଅର ଉପରେ ଏହାର କୁପ୍ରଭାବ ପଡ଼ିଥାଏ । ଅବଶ୍ୟ କିଛି ସାହସୀ ବ୍ୟକ୍ତି ହୃଦୟ ଭିତରୁ ନିଜର ଦୋଷକୁ ସସ୍ୱୀକାର କରିଥାନ୍ତି ।

ସମ୍ମାନ ହାନି ହୁଏନି: ଅହଙ୍କାର ଓ ଗର୍ବ କିଛି ଲୋକଙ୍କୁ ବିନମ୍ର ହେବାକୁ ଦିଏନି । ଆମେ ଭାବିଥାଉ ଭୁଲ୍ ସ୍ୱୀକାର କଲେ ଆମର ସମ୍ମାନ ହାନି ହୋଇଯିବ । ମାତ୍ର ବୁଝିପାରନ୍ତିନି ଯେ ଏପରି କରିବା ଦ୍ୱାରା ସେମାନଙ୍କ ସମ୍ମାନ ହାନି ହୁଏନି, ବରଂ ବଢ଼ିଯାଏ । ନିଜର ଦୋଷ ସ୍ୱୀକାର କରୁଥିବା ବ୍ୟକ୍ତିକୁ ସମାଜ ସମ୍ମାନ ଦେଉଥିବା ବେଳେ ଭୁଲ୍ ଅସ୍ୱୀକାର କରୁଥିବା ଲୋକଟି କାହାରି ବିଶ୍ୱାସୀ ହୋଇପାରେନା ।

ନିଜକୁ ଧୋକାଦିଅନ୍ତି: ନିଜର ଭୁଲ୍‌କୁ ସ୍ୱୀକାର କରୁ ନଥିବା ବ୍ୟକ୍ତି କେବଳ ନିଜକୁ ହିଁ ଧୋକା ଦିଏ । ଆମେ ସମାଜ ଆଗରେ ହୁଏତ ନିଜର ଭୁଲ୍‌କୁ ଘୋଡ଼ାଇ ଦେଇପାରିବା, ମାତ୍ର ବିବେକ ପାଖରେ ନୁହେଁ । ତେଣୁ ନିଜକୁ ଧୋକା ଦେବାଠାରୁ ଦୂରେଇ ରହି ଭୁଲକୁ ସ୍ୱୀକାର କରି ନେବା ମଣିଷପଣିଆ ହେବ ।

ଓଓଓ ଓଓଓ

ଚୀନର ଏହି ଯୁବକ ଜଣେ ପେଂଟର ଏବଂ ତାଙ୍କ ପେଂଟିଂର ସବୁଠାରୁ ବଡ଼ ସ୍ୱତନ୍ତ୍ରତା ହେଲା ସେ ଜିଭରେ ହିଁ ପେଂଟିଂ କରନ୍ତି ।। ତେବେ ସେ ଏଭଳି ଜିଭରେ ପେଂଟିଂ କରିବାର କଳା ହାସଲ କରିଛନ୍ତି ତାଙ୍କ ପରିବାରଠାରୁ । ତାଙ୍କ ଜେଜେବାପା ତାଙ୍କ ପୀଢ଼ିର ଏଭଳି ୪ର୍ଥ କଳାକାର, ଯିଏ ଜିଭରେ ପେଂଟିଂ କରିବାର କଳାକୁ ଆପଣେଇଛନ୍ତି । କିଛିଲୋକ ଏପରି କରିବାକୁ ସିଧା ମନା କରନ୍ତି ।। କାରଣ ଇଙ୍କ୍ ଶରୀର ପାଇଁ ହାନିକାରକ । ତଥାପି ସେ ତାଙ୍କର ଏହି କଳାକୁ ଛାଡ଼ିପାରି ନାହାନ୍ତି । କିଛିବର୍ଷ ତଳେ ତାଙ୍କୁ ଜିଭରେ ପେଂଟିଂ ପାଇଁ କୋଟି କୋଟି ଟଙ୍କାର ଅଫର ହୋଇଥିଲା । କିନ୍ତୁ ସେ ମନାକରି ଦେଇଥିଲେ । ସେ କହିଥିଲେ, ସେ ଜିଭରେ ପେଂଟିଂ ଶିଖାଇପାରନ୍ତି, କିନ୍ତୁ ସେ ତିଆରି କରିଥିବା ପେଂଟିଂ କାହାକୁ ବିକିପାରିବେ ନାହିଁ । ତାଙ୍କର ଏହି କଳା ପାରମ୍ପରିକ,ଯାହା ପଢ଼ିପଢ଼ି ଧରି ଚାଲିବ । ଅବଶ୍ୟ ତାଙ୍କର ଏହି କାମକୁ କିଛି ଲୋକ ନାପସନ୍ଦ କରିଛନ୍ତି ।

ଷ୍ଟ୍ରେସ୍ ଫ୍ରି '୪-ଏ'ରେ...

ଅଳ୍ପ ବହୁତ ଚିନ୍ତା ସମସ୍ତଙ୍କର ଥାଏ । ମାତ୍ର କେବେ କେବେ ଅସନ୍ତୁଳିତ ଜୀବନଶୈଳୀ ଆମକୁ ଅଧିକ ଚିନ୍ତାଗ୍ରସ୍ତ କରି ମନକୁ ଭାରାକ୍ରାନ୍ତ କରିଦିଏ । ଆରମ୍ଭରୁ ଏହା ନିଦାନ ନଖୋଜିଲେ ଚିନ୍ତା ଆମ ଭିତରେ ଘର କରି ବସିବ । ତେଣୁ ଆରମ୍ଭରୁ ଏହାର ଦମନ ଜରୁରି ।

ଆପଣ ଚାହିଁଲେ ଏହାକୁ ଦୂରେଇ ପାରିବେ '୪-ଏ' ମାଧ୍ୟମରେ । '୪-ଏ' ହେଲା ଆଭଏଡ୍ (ଦୂରେଇବା), ଅଲଟର୍ (ପରିବର୍ତ୍ତନ), ଆଡ଼ପ୍ଟ (ଗ୍ରହଣ) ଏବଂ ଆକ୍ସେପ୍ଟ (ସ୍ୱୀକାର)

ପୂର୍ବ ସପ୍ତାହରେ ଆମେ ଆଭଏଡ଼ ବା ଦୂରେଇବା ସମ୍ପର୍କରେ ଆଲୋଚନା କରିଥିଲୁ । ଏଥିରେ ଜାଣିବା ଷ୍ଟ୍ରେସ୍ ଫ୍ରି କରିବାରେ ଆଲଟର୍ ବା ପରିବର୍ତ୍ତନର ଭୂମିକା କ'ଣ ?

- ଯଦି ଷ୍ଟ୍ରେସ୍ ଫ୍ରି ଜୀବନ ଚାହାନ୍ତି, ତେବେ ପରିବର୍ତ୍ତନ ଜରୁରି । ଦୈନନ୍ଦିନ ଜୀବନରେ କରୁଥିବା ବିଭିନ୍ନ ଯୋଗାଯୋଗ ଓ କାର୍ଯ୍ୟକ୍ରମ ସଂଚାଳନରେ ପରିବର୍ତ୍ତନ ଆଣିବାକୁ ଚେଷ୍ଟା କରନ୍ତୁ ।

- ବ୍ୟକ୍ତିଗତ ଅନୁଭବ ଓ ଭାବନାକୁ ଅନ୍ୟ ଆଗରେ ଖୋଲା ମନରେ ଓ ସମ୍ମାନଜନକ ଭାବେ ଉପସ୍ଥାପନ କରନ୍ତୁ । ଏହାକୁ ମନ ଭିତରେ ଚାପି ରଖନ୍ତୁ ନାହିଁ । ଭାବନାକୁ ମନ ଭିତରେ ଚାପି ରଖିଲେ ଅସନ୍ତୋଷ ବଢ଼ିଥାଏ ।

- ଯେକୌଣସି କାମ ହେଉ ନା କାହିଁକି ଯଦି ଆବଶ୍ୟକ ପଡ଼େ, ତେବେ ବଝାମଣା ପାଇଁ ସବୁବେଳେ ପ୍ରସ୍ତୁତ ରୁହନ୍ତୁ । ଯଦି ଆପଣ ଅନ୍ୟଜଣକୁ ବ୍ୟବହାର ପରିବର୍ତ୍ତନ କରିବାକୁ ଚାହୁଁଛନ୍ତି, ତେବେ ନିଜକୁ ସେଥିପାଇଁ ପ୍ରସ୍ତୁତ ରଖିବାକୁ ପଡ଼ିବ । ପରିବର୍ତ୍ତନ ପାଇଁ ପ୍ରସ୍ତୁତ ରହିଲେ ହିଁ ଚିନ୍ତାଠାରୁ ଦୂରେଇ ଖୁସିକୁ ଅନୁଭବ କରିବା ସହଜ ହେବ ।

- ଜୀବନଶୈଳୀକୁ ସନ୍ତୁଳିତ କରିବାକୁ ଚେଷ୍ଟା କରନ୍ତୁ । ଦୈନନ୍ଦିନ ଜୀବନରେ ଆସୁଥିବା ବିଭିନ୍ନ କାମ ମଧ୍ୟରେ ସନ୍ତୁଳନ ରକ୍ଷାକ୍ଷା କରିବା ଦ୍ୱାରା ଷ୍ଟ୍ରେସ୍ ବଢ଼ି ନଥାଏ । ଅଫିସ୍ ଘରର ଦାୟିତ୍ୱ, ସାମାଜିକ ଦାୟିତ୍ୱବୋଧ ଓ ଅବସର ସମୟ ମଧ୍ୟରେ ସନ୍ତୁଳନ ରଖିଲେ ଚିନ୍ତା ଆପେ ଆପେ ନିୟନ୍ତ୍ରିତ ହୋଇଯିବ ।

କର୍ମକ୍ଷେତ୍ରରେ ଯୋଗଦେବା ପୂର୍ବରୁ...

ନିଯୁକ୍ତିର ପ୍ରଥମ ଦିନ ଗୁରୁତ୍ୱପୂର୍ଣ୍ଣ । ତା'ଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ କର୍ମକ୍ଷେତ୍ରରେ ଯୋଗ ଦେବା ପୂର୍ବରୁ କିଛି ବିଶେଷ ଦିଗ ପ୍ରତି ଧ୍ୟାନ ଦେବା । ତେବେ ଜାଣନ୍ତୁ ସେଗୁଡ଼ିକ କ'ଣ ?

ଛୁଟି ବିଷୟରେ କଥା ହୁଅନ୍ତୁ: ନୂଆ ଅଫିସରେ ଚାକିରି କରିବା ପୂର୍ବରୁ ଏଠାରେ ଆପଣଙ୍କୁ କି କି ସୁବିଧା ମିଳିପାରିବ, ସେ ବିଷୟରେ ବସ୍‌ଙ୍କ ସହ ସ୍ପଷ୍ଟ ଭାବେ କଥା ହୁଅନ୍ତୁ । ଦରମାଠାରୁ ଆରମ୍ଭ କରି ଅନ୍ୟାନ୍ୟ ସୁବିଧା ସୁଯୋଗ ଗୁଡ଼ିକୁ ବୁଝନ୍ତୁ । ଯଦି ଆରମ୍ଭରୁ ନ ବୁଝିବେ ଆଗରୁ ସମସ୍ୟାରେ ପଡ଼ିପାରନ୍ତି ।

ନିଜ ବିଷୟରେ କୁହନ୍ତୁ: ଯଦି ପୁରୁଣା ଚାକିରି ଛାଡ଼ି ନୂଆ ଚାକିରି ଚୟନ କରୁଥାନ୍ତି, ତେବେ ଆପଣଙ୍କ ପୁରୁଣା ଚାକିରିର ଦକ୍ଷତା ବିଷୟରେ ବସଙ୍କୁ ଜଣାନ୍ତୁ । ଏହାଦ୍ୱାରା ଭବିଷ୍ୟତରେ ଆପଣଙ୍କର ପଦୋନ୍ନତି ସହଜ ହୋଇପାରେ ।

ଆଲାଉନ୍ସ: ଯଦି ଅଫିସ କାମରେ ଆପଣଙ୍କୁ କେବେ ବାହାରକୁ ଯିବାକୁ ପଡ଼େ, ତେବେ ତାର ଖର୍ଚ୍ଚ କିଏ ବହନ କରିବେ, ସେ ବିଷୟରେ ବସଙ୍କ ଠାରୁ ପଚାରି ନିଅନ୍ତୁ ।

ଆଗୁଆ ଜଣାନ୍ତୁ: କର୍ମକ୍ଷେତ୍ର ପରିବର୍ତ୍ତନ ପାଇଁ ଚିନ୍ତା କରୁଥିଲେ, ବସଙ୍କୁ ଆଗୁଆ ଜଣାଇ ଦିଅନ୍ତୁ । ଏପରି କରିବା ଦ୍ୱାରା ଆପଣଙ୍କ ଉପରେ ବସଙ୍କ ଭରସା ବଢ଼ିବ । ତା ସହିତ ଆପଣ କରୁଥିବା କାମ ପାଇଁ ନୂଆ କର୍ମଚାରୀଟିଏ କମ୍ପାନି ଯୋଗାଡ଼ କରିପାରିବ ।

କ୍ଲିୟର ହୁଅନ୍ତୁ: ନୂଆ ଅଫିସରେ ଯୋଗ ଦେବା ପୂର୍ବରୁ ସ୍ପଷ୍ଟ ହୁଅନ୍ତୁ ଯେ ଅଫିସରେ କେଉଁ ବ୍ରାଂଚରେ ଆପଣଙ୍କୁ ନିଯୁକ୍ତି ଦିଆଯାଇଛି । ନଚେତ୍ ଆପଣ ଅଫିସର ଗୋଟିଏ ବ୍ରାଂଚଞ୍ଚ ପାଇଁ ଆବେଦନ କରିଥିବେ କିନ୍ତୁ ନିଯୁକ୍ତି ହୋଇଥିବ ଅନ୍ୟସ୍ଥାନରେ । ଏହାକୁ ନେଇ ଆପଣ ଅସୁବିଧାରେ ପଡ଼ିପାରନ୍ତି ।

ତାଲିମ ଓ ଶିକ୍ଷାଦାନ: ଅଫର ଲେଟର ପାଇବା ପୂର୍ବରୁ ତାଲିମ ଓ ଶିକ୍ଷା ବିଷୟରେ କଥା ହୁଅନ୍ତୁ । ଏଥିପାଇଁ କମ୍ପାନି ଖର୍ଚ୍ଚ ବହନ କରିବ ନା ଆପଣ ପଚାରି ନିଅନ୍ତୁ ।

ଚାଷୀଙ୍କ ପାଇଁ ଶସ୍ତା ଜୈବସାର

ଜୈବ କୃଷିକୁ ସଫଳ କରିବା ପାଇଁ ଲୋଡ଼ାଯାଉଥିବା ସାମଗ୍ରୀ ଗୁଡ଼ିକ ମଧ୍ୟରେ ଜୈବ-ସାର ଅନ୍ୟତମ । ଏହା ପ୍ରସ୍ତୁତ କରିବା ସହଜ । ରାସାୟନିକ ସାର ତୁଳନାରେ ଏହା ଶସ୍ତା । ଆନ୍ଧ୍ର ପ୍ରଦେଶର ଜନଜାତି ବହୁଳ ପାହାଡ଼ିଆ ଅଞ୍ଚଳରେ ଚାଷୀମାନଙ୍କୁ ଜୈବ-ସାର ଯୋଗାଉଛନ୍ତି, କେତେ ଜଣ ଅପାଠୁଆ ସ୍ଥାନୀୟ ବ୍ୟକ୍ତି । ଜଣେ ହେଲେ ପାଙ୍ଗୀ ଚିନ୍ନାୟା । ସରକାରୀ ସଂସ୍ଥା ମାଧ୍ୟମରେ ତାଲିମ ନେଇ ସେ ଗୋ-ମୂତ୍ର ଗୋବର ଆଦି ତେରଟି ଜିନିଷକୁ ସାରରେ ପରିଣତ କରୁଛନ୍ତି । ବାର ହଜାର ଟଙ୍କାର ବ୍ୟାଙ୍କ ଋଣ ନେଇ ତାଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ଛୋଟିଆ ଘରୋଇ ଉଦ୍ୟୋଗ ସୁଫଳ ସ୍ଥାନୀୟ ଚାଷୀମାନେ ପାଉଛନ୍ତି । ଜୈବ-ସାରର ନାମ ଜୀବମୃତମ । ତରଳ ଜୀବମୃତମର ଲିଟର ପିଛା ମୂଲ୍ୟ ମାତ୍ର ପାଂଚ ଟଙ୍କା ଏବଂ କଠିନରୀ ବସ୍ତା ପିଛା ମୂଲ୍ୟ ଦୁଇଶହ ଟଙ୍କା । ବଜାରରେ ମିଳୁଥିବା ଡିଏପି ସାରର ବସ୍ତା ମୂଲ୍ୟ ୧୨୫୦ଟଙ୍କା । ତେଣୁ, ଜୀବମୃତମ ଦ୍ୱାରା ଚାଷୀମାନେ କେଉଁ ଭଳି ଉପକୃତ ହେଉଥିବେ, ଅନୁମାନ କରାଯାଇପାରେ । ପାଙ୍ଗୀ ବର୍ଷେ ତଳେ ସାର ତିଆରି ଆରମ୍ଭ କରିଥିଲେଏ । ଏବେ ତାଙ୍କ ସାର ଦ୍ୱାରା ଅନ୍ୟମାନଙ୍କର ଅଠତିରିଶ ଏକର ଖେତ ବର୍ଷ ତମାମ ହସୁଛି । ଉଲ୍ଲେଖଯୋଗ୍ୟ ଯେ ଜିରୋ ବଜେଟ ନାଚୁରାଲ ଫାମିଂ ସିରକାରୀ ଯୋଜନାରେ ଅଧିକରୁ ଅଧିକ ଚାଷୀଙ୍କୁ ଜୀବମୃତମ ପ୍ରସ୍ତୁତି ପାଇଁ ତାଲିମ ଓ ପ୍ରୋତ୍ସାହନ ସହ ଆର୍ଥିକ ସହାୟତା ଯୋଗାଇ ଦିଆଯାଉଛି । ଫଳରେ ଅନନ୍ତଗିରି, ଆରାକୁ, ଡୁମ୍ବରିଗୁଡ଼ା, ହୁକୁମପେଟା ଆଦି ଅଂଚଳରେ ପାଂଚହଜାରରୁ ଅଧିକ ଚାଷୀ ବର୍ଷ ତମାମ ସୁଲଭ ଜୈବସାର ପାଇପାରୁଛନ୍ତି ।

ଓଓଓ ଓଓଓ

ପର୍ଯ୍ୟଟକମାନଙ୍କୁ ଆକୃଷ୍ଟ କରିବା ବିଭିନ୍ନ ଦେଶ ନୂଆ ନୂଆ ତରିକା ଆପଣାଇଥାନ୍ତି । ଏବେ ଚୀନ ତାର ଭିନ୍ନ ପ୍ରୟାସ ଯୋଗୁଁ ସମସ୍ତଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି । ନିକଟରେ ଚୀନ ଏକ ବିଶାଳକାୟ ସବୁଜ ବାରକୋର୍ଡ଼ ପ୍ରସ୍ତୁତ କରି ଚର୍ଚ୍ଚାର ପରିସରକୁ ଆସିଛି । ଏହି ବିଶାଳ ବାରକୋର୍ଡ଼କୁ ଆପଣ ଆକାଶ ମାର୍ଗରୁ ସ୍କାନକରି କ୍ୟାସଲେସ ପେମେଂଟଣ୍ଟ କରିପାରିବେ । ପ୍ରାୟ ୧୩୦,୦୦୦ ଗୁଳ୍ମଗଛ ବ୍ୟବହାର କରି ଚୀନ ଏହି କ୍ୟୁଆର ବାରକୋର୍ଡ଼ ଡିଜାଇନ୍ କରିଛି ଯାହାକି ସିଲିନସୁଇ, ହାଓ୍ୱାଇ ପ୍ରୋଜେକ୍ଟ ଜରିଆରେ କାର୍ଯ୍ୟକାରୀ ହୋଇଛି । ଏହି ବାରକୋର୍ଡ଼ ଗାଲିଚାଟି ୨୨୭ ମିଟର ଲମ୍ବ ଓ ଏହାର ଉଚ୍ଚତା ୨.୫ ମିଟର ରଖାଯାଇଛି । ଏବେ ପର୍ଯ୍ୟଟଠକମାନେ ଏହି ସବୁଜ ବାରକୋର୍ଡ଼କୁ ଆାକାଶ ମାର୍ଗରୁ ବେଶ୍ ଉପଭୋଗ କରିପାରିବେ ।

ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

ଏକତାର ବଳ...

ଦଶହରା ଉତ୍ସବ ଅବସରରେ ଦେଶର ରାଜଧାନୀ ଦିଲ୍ଲୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କ ଉଦ୍‌ବୋଧନରେ କହିଲେ ଜାତିବାଦ ଏବଂ ଆଞ୍ଚଳିକତାବାଦର ପରିସମାପ୍ତି ଘଟାଇବାକୁ, କାରଣ ଏଇ ଦୁଇଟି ହିଁ ଦେଶର ଲୋକମାନଙ୍କୁ ଭାଗ ଭାଗ କରିବାରେ ପ୍ରମୁଖ ଭୂମିକା ନିର୍ବାହ କରୁଛନ୍ତି । ଏହା 'ଅମୃତ କାଳ'- ଅର୍ଥାତ୍ ଦେଶ ଯେତେବେଳେ ୨୦୪୭ରେ ଏହାର ସ୍ୱାଧୀନତାର ଶତବାର୍ଷିକୀ ପାଳନ କରିବା ବେଳକୁ ଯାହା କିଛି ବି ଭାରତକୁ ଏକ ବିକଶିତ ରାଷ୍ଟ୍ରରେ ପରିଣତ କରିବା ନିମନ୍ତେ ଆବଶ୍ୟକ, ସେସବୁକୁ କରିବା ନିମନ୍ତେ ତାଙ୍କର ପୋଷା ବିଷୟବସ୍ତୁ ସହିତ ସମ୍ପୂର୍ଣ୍ଣ ରୂପେ ଖାପ ଖାଇ ଯାଉଛି । ସେ କହିଛନ୍ତି ଯେ ଜାତିବାଦ ଏବଂ ଆଞ୍ଚଳିକତାବାଦରୂପୀ ଆଦର୍ଶଗୁଡ଼ିକ ଭାରତର ବିକାଶ ପାଇଁ ନୁହେଁ, ବରଂ ସ୍ୱାର୍ଥପର ଆକାଂକ୍ଷାଗୁଡ଼ିକୁ ପୂରଣ କରିବା ନିମନ୍ତେ ଉଦ୍ଦିଷ୍ଟ । ବିଶ୍ୱର ସର୍ବାଧିକ ଜନବହୁଳ ରାଷ୍ଟ୍ର, ଯାହାର ପ୍ରାୟ ଅର୍ଦ୍ଧେକ ଜନସଂଖ୍ୟା ୩୦ ବର୍ଷ ବୟସରୁ କମ୍, ତା'ର ରାଜନୀତିକ ନେତୃତ୍ୱ ଭବିଷ୍ୟତ ନିମନ୍ତେ ଏମିତି ଏକ ଜାତୀୟ କାର୍ଯ୍ୟସୂଚୀ ପ୍ରସ୍ତୁତ କରିବାର ଆବଶ୍ୟକତା ରହିଛି, ଯାହା ଭବିଷ୍ୟତର ଆବଶ୍ୟକତାଗୁଡ଼ିକୁ ପୂରଣ କରୁଥବ ; ଏବଂ ତାହା କରିବା କେବଳ ଦେଶ ପାଇଁ ନୁହେଁ, ସମଗ୍ର ବିଶ୍ୱ ପାଇଁ ଗୁରୁତ୍ୱପୂର୍ଣ୍ଣ । ତେଣୁ ଏହି କାର୍ଯ୍ୟସୂଚୀ ଦେଶର ସବୁ ବର୍ଗର ଲୋକମାନଙ୍କ ଭିତରେ ବ୍ୟାପକ ଭାବରେ ଆଦୃତ ହେବା ଉଚିତ, ସମସ୍ତଙ୍କୁ ସାଙ୍ଗରେ ନେଇ ଚାଲିବା ଭଳି ହେବା ଉଚିତ ଏବଂ ସମସ୍ତଙ୍କ ପାଇଁ ସୁଯୋଗଟିଏ ପ୍ରଦାନ କରିବା ଭଳି ହେବା ଉଚିତ । ଏମିତି ନୁହେଁ ଯେ ଏଇ ବିଗତ ସାଢ଼େ ସାତ ଦଶନ୍ଧିରୁ କିଛି ଅଧିକ ସମୟ ଭିତରେ ଭାରତ କୌଣସି ଆହ୍ୱାନର ସମ୍ମୁଖୀନ ହୋଇନାହିଁ । ଏହି ସମୟ ଭିତରେ କେତେକ ଯୁଦ୍ଧ ସଂଘଟିତ ହୋଇଛି, ଦେଶକୁ ବାହ୍ୟ ଶତ୍ରୁମାନଙ୍କ ଆକ୍ରୋଶର ଶିକାର ହେବାକୁ ପଡ଼ିଛି, ଚରମପନ୍ଥୀ ଏବଂ ବିଚ୍ଛିନ୍ନତାବାଦୀ ତତ୍ତ୍ୱମାନଙ୍କ ଆନ୍ଦୋଳନକୁ ପ୍ରତ୍ୟକ୍ଷ କରିବାକୁ ପଡ଼ିଛି । ପରନ୍ତୁ, ଯେଉଁ ଏକାଧିକ ସ୍ତର ଦେଇ ଗଣତନ୍ତ୍ର କାର୍ଯ୍ୟ କରିଥାଏ, ସେସବୁ ସ୍ତର ସବୁକିଛିକୁ ସହ୍ୟ କରି ନେଇଛି । ଏମିତିକି ଜରୁରୀକାଳୀନ ପରିସ୍ଥିତି ଭଳି ସାମୟିକ ସତ୍ତାବାଦ ଉପରେ ମଧ୍ୟ ଦେଶ ବିଜୟ ହାସଲ କରି ସେହିସବୁ ଧାରଣାଗୁଡ଼ିକୁ ପୁନଃପ୍ରତିଷ୍ଠିତ କରି ପାରିଛି ଯାହା ଉପରେ ଗଣତନ୍ତ୍ରର ମୂଳଦୁଆ ପଡ଼ିଥାଏ । ସଂକ୍ଷେପରେ କହିଲେ, ଦେଶ ନିଜର ମୌଳିକ ଢାଞ୍ଚାକୁ ବଜାୟ ରଖିବା ଏବଂ ସଫଳତା ଲାଭ କରିବା ନିମନ୍ତେ ଉପରୋକ୍ତ ଶକ୍ତିମାନଙ୍କ ସହିତ ସମ୍ଭାବ୍ୟ ବିଭାଜନକାରୀ ତତ୍ତ୍ୱମାନଙ୍କର ମୁକାବିଲା କରିବାକୁ ଯେଉଁସବୁ ବ୍ୟବସ୍ଥା ଆବଶ୍ୟକ, ସେସବୁକୁ ଯଥାଯଥ ଭାବରେ ପ୍ରତିଷ୍ଠା କରି ପାରିଛି । ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନକୁ ଏଇ ବ୍ୟବସ୍ଥାଗୁଡ଼ିକର ଏକ ପର୍ଯ୍ୟାୟକ୍ରମିକ ଆକଳନ ଏବଂ ପ୍ରସ୍ତୁତି ଭାବରେ ଦେଖାଯାଇପାରେ । ତେବେ ଏକ ଗଣତନ୍ତ୍ର ଯାହାକୁ କେବେହେଲେ ପସନ୍ଦ କରିବ ନାହିଁ, ତାହା ମଧ୍ୟ ଭାରତରେ ସାମ୍ପ୍ରତିକ ସମୟରେ ଦେଖିବାକୁ ମିଳୁଛି । ବିରୋଧୀମାନେ ଗଣତାନ୍ତ୍ରିକ ନୀତି ନିୟମ ବନାମ ପ୍ରଧାନମନ୍ତ୍ରୀ ଓ ସେ ନେତୃତ୍ୱ ନେଉଥିବା ସରକାରଙ୍କର କାର୍ଯ୍ୟ ଏବଂ ଉଦ୍ଦେଶ୍ୟଗୁଡ଼ିକ ଉପରେ ଗୁରୁତର ସନ୍ଦେହ ପ୍ରକଟ କରୁଛନ୍ତି । ଅନେକଙ୍କର ମନେଥିବ ଯେ କିଛି ବର୍ଷ ପୂର୍ବେ ପ୍ରଧାନମନ୍ତ୍ରୀଙ୍କ ଦଳ 'କଂଗ୍ରେସ-ମୁକ୍ତ ଭାରତ'ର ଡାକରା ଦେଇଥିଲା, ଯାହା ବସ୍ତୁତଃ ଦେଶର ବର୍ତ୍ତମାନ ସମୟର ପ୍ରମୁଖ ବିରୋଧୀ ଦଳର ବିଲୋପକୁ ହିଁ ବୁଝାଏ । ବିଜେପି ଏବଂ ଆରଏସ୍‌ଏସ୍ ମଧ୍ୟରେ ତେଣୁ ଦେଶ ଭିତରେ ଏହିପରି ଭାବରେ ବିରୋଧୀ ଚିନ୍ତାଧାରାକୁ ପରିସରଭୁକ୍ତ କରାଯାଇଛି । ଏକ ବିକାଶଶୀଳ କାର୍ଯ୍ୟସୂଚୀ, ଯାହା ଏକ କ୍ରମବର୍ଦ୍ଧନଶୀଳ ଜନସଂଖ୍ୟାର ସମସ୍ତ ଆଶା ଆକାଂକ୍ଷାକୁ ପୂରଣ କରି ପାରିବ, ତାହା ଏକ ସକାରାତ୍ମକ କାର୍ଯ୍ୟକ୍ରମ ଏବଂ ଏକତାର ଉଦ୍ଦେଶ୍ୟ ବହନ କରୁଥିବା ଆହ୍ୱାନ ପ୍ରଦାନ କରିଥାଏ। ତେବେ, ତା'ର ସୂକ୍ଷ୍ମ ଭାବଧାରାଗୁଡ଼ିକୁ ଗଣତାନ୍ତ୍ରିକ ଉପାୟରେ ସ୍ଥିର କରାଯିବା ଉଚିତ ; ଏକଛତ୍ରବାଦୀ ଗୁଣାବଳୀଗୁଡ଼ିକ କ୍ୱଚିତ୍ ଭାରତରେ କାମ କରିଥାଏ ଯାହା ମାନବ ସମାଜରେ ଯେତେ ପ୍ରକାରର ବିବିଧତା ରହିଛି, ସବୁକିଛିକୁ ବହନ କରୁଛି ବୋଲି କୁହାଯାଇପାରେ। ମତ ମନ୍ତବ୍ୟଗୁଡ଼ିକର ସମ୍ମାନଜନକ ଉପାୟରେ ବିନିମୟ ସହିତ ସମସ୍ତଙ୍କୁ ସାଙ୍ଗରେ ନେଇ ଚାଲିବାର ଭାବନା ହେଉଛି ଏପରି ଏକ କାର୍ଯ୍ୟସୂଚୀରେ ଉପନୀତ ହେବା ନିମନ୍ତେ ଏକମାତ୍ର ପଥ, ଯାହା ରୂପ ଏବଂ ବିଷୟବସ୍ତୁ ଦୃଷ୍ଟିରୁ ଗଣତାନ୍ତ୍ରିକ ହୋଇଥାଏ। ଏହାଠାରୁ ଯେ କୌଣସି କମ୍ କଥା ଏକ ବହୁଳତାବାଦୀ ସାଧାରଣତନ୍ତ୍ର ନିମନ୍ତେ ଅନୁପଯୁକ୍ତ।

ନୂଆ ଓଡ଼ିଶାର ନୂଆ ବିନ୍ଧାଣୀ

ସୁମନ୍ତ କୁମାର ଭୂୟାଁ

କେଉଁଠି ବଢ଼ି ସକାଳୁ ପହଞ୍ଚି ଯାଉଥିଲେ, କେଉଁଠି ହେଲିକ୍ୟାପ୍ଟରରେ ଥିଲେ ବି ପ୍ରଶାସନକୁ ଦିଆଯାଇଥିବା ନିର୍ଦ୍ଦେଶାବଳୀକୁ ତନ ତନ କରି ଦେଖୁଥିଲେ। ରାଜ୍ୟର ପ୍ରଗତି ଓ ବିକାଶରେ ନିଜକୁ ସବୁବେଳେ ସେ ଜଡ଼ିତ ରଖୁଥିଲେ। ପ୍ରଶାସନିକ କ୍ଷେତ୍ର ହେଉ ବା କ୍ରୀଡ଼ା ଛାତ୍ରାବାସ, ସ୍ୱୟଂ ସହାୟକ ସଙ୍ଗଠନର କାର୍ଯ୍ୟକ୍ରମ ହେଉ ବା ଯୁବ ସମାବେଶ ସବୁଠାରେ ଆଗ୍ରହ ଚିତ୍ତରେ ଲୋକମାନଙ୍କ ସହ ମିଶି ପ୍ରଶାସନର ବିକାଶକୁ ଆଗେଇ ନେଉଥିଲେ ଓ ତ୍ୱରାନ୍ୱିତ କରୁଥିଲେ। ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ଭାବେ ସୁଦୀର୍ଘ ଏଗାର ବର୍ଷର ଅଭିଜ୍ଞତା ତାଙ୍କର ରହିଛି। ମୁଖ୍ୟମନ୍ତ୍ରୀଙ୍କ ସ୍ୱପ୍ନର ସମୃଦ୍ଧ ଓଡ଼ିଶାକୁ ତିଆରି କରି ସେ ତାର ସାଜିଛନ୍ତି ସାରଥି। ସର୍ବୋପରି କହିବାକୁ ଗଲେ ଓଡ଼ିଶା ରୂପାନ୍ତରଣର ସେ ହେଉଛନ୍ତି ସୁଦକ୍ଷ ସେନାପତି। ଆମେ ଯାହାଙ୍କ ବିଷୟରେ ଏହି ଲେଖା ଲେଖୁଛୁ ସେ ହେଉଛନ୍ତି ଭି.କେ. ପାଣ୍ଡିଆନ। ଏହି ନାମଟି ହିଁ ଯଥେଷ୍ଟ ସମସ୍ତଙ୍କୁ ବୁଝିବା ପାଇଁ। ଓଡ଼ିଶା ବିକାଶର ନକ୍ସାରେ ସେ ହେଉଛନ୍ତି ଜଣେ ନିଷ୍ଠାପର ସ୍ଥପତି। ମୁଖ୍ୟମନ୍ତ୍ରୀଙ୍କ ଯେଉଁ ଆବେଗଧର୍ମୀ ବାର୍ତ୍ତାଟି ଥିଲା ପ୍ରତିଟି ଜୀବନ ମୂଲ୍ୟବାନ ଏହାକୁ ପ୍ରଶାସନିକ କ୍ଷେତ୍ରରେ ଲୋକମାନଙ୍କ ପାଇଁ ବେଶ ପ୍ରଭାବୀ ଢ଼ଙ୍ଗରେ ସେ କାର୍ଯ୍ୟକାରୀ କରି ସେ ସଫଳ ହୋଇଛନ୍ତି। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ରାଜ୍ୟର ୯୬.୫ ଲକ୍ଷ ପରିବାର ମାଗଣାରେ ଚିକିତ୍ସା ସେବା ପାଉଛନ୍ତି। କଟକର ଏସବିଏମ୍ ମେଡ଼ିକାଲ କଲେଜ ୩୫୦୦ କୋଟି ଟଙ୍କାରେ ଏମସ ପ୍ଲସକୁ ରୂପାନ୍ତରିତ ହେଉଛି। ପିଲାଦିନୁ ତାଙ୍କର କ୍ରୀଡ଼ା ପ୍ରତି ଆଗ୍ରହ ଥିବାରୁ ୫ଟି ଅଧକ୍ଷ ଭାବେ ସେ ତାଙ୍କ ଦାୟିତ୍ୱ ଗ୍ରହଣ କରିବା ପରେ ରାଜ୍ୟ କ୍ରୀଡ଼ା ଓ କ୍ରୀଡ଼ା ଭିତ୍ତିଭୂମିର ଯେଉଁପରି ରୂପାନ୍ତରଣ ହୋଇଛି ତାହା ଅତ୍ୟନ୍ତ ପ୍ରଶଂସନୀୟ। ଶିକ୍ଷାକ୍ଷେତ୍ରରେ ଅନେକ କାର୍ଯ୍ୟକ୍ରମରେ ସେ ପିଲାମାନଙ୍କୁ ଭେଟି ଶିକ୍ଷାର ରୂପାନ୍ତରଣ ସାରଥି ଭାବେ ନିଜ ଦାୟିତ୍ୱକୁ ପ୍ରତିପାଦିତ କରିପାରିଛନ୍ତି। ଓଡ଼ିଶାର ଚାଷୀ ଭାଇ ମାନଙ୍କ ପାଇଁ କୃଷି ବିଜ୍ଞାନର ଛାତ୍ର ଥିବା ପାଣ୍ଡିଆନ ମହୋଦୟ କାଳିଆ ଯୋଜନା ହେଉ ବା କୃଷି କ୍ଷେତ୍ରରେ ନୂତନ ସୂଚନା ପ୍ରଯୁକ୍ତି ଓ ଜ୍ଞାନକୌଶଳକୁ ଉପଯୋଗ କରି ଚାଷୀଙ୍କ ଆୟ ବଢ଼ାଇବାରେ ତାଙ୍କ ନକ୍ସା ବେଶ ସଫଳ ହୋଇଛି। ଛଅମାସରେ ୧୪୭ଟି ବିଧାନସଭା ନିର୍ବାଚନ ମଣ୍ଡଳୀର ଲୋକମାନଙ୍କ ସମସ୍ୟା ତାଙ୍କ ପାଖରୁ ହିଁ ଶୁଣିଛନ୍ତି।

ପୁରୀର ବହୁଳ ପ୍ରଚାରିତ ଐତିହ୍ୟ କରିଡ଼ର ପ୍ରକଳ୍ପର କାର୍ଯ୍ୟକାରୀ ଦାୟିତ୍ୱ ସିଧାସଳଖ ପାଣ୍ଡିଆନଙ୍କୁ ଦେଇଥିଲେ ମୁଖ୍ୟମନ୍ତ୍ରୀ। ଏହି ପ୍ରକଳ୍ପର ଉଦ୍ଦେଶ୍ୟ ଥିଲା ପୁରୀକୁ ଏକ ବିଶ୍ୱ ଐତିହ୍ୟ ସହରରେ ପରିଣତ କରିବା ସହ ସବୁ ପ୍ରକାର ସୁବିଧା ସୁଯୋଗ ମିଳିବା। ବିକାଶ ମାନଚିତ୍ରରେ ଓଡ଼ିଶାକୁ ଶୀର୍ଷରେ ପହଞ୍ଚାଇବା, ପ୍ରତିଟି ନାଗରିକ, ମହିଳାଙ୍କ ମୁହଁରେ ହସ ଫୁଟାଇବା, ଓଡ଼ିଶାର ସଂସ୍କୃତି ଓ ଐତିହ୍ୟର ଶ୍ରେଷ୍ଠତ୍ୱକୁ ବିଶ୍ୱ ଦରବାରରେ ପ୍ରତିପାଦିତ କରାଇବା। ଏହା ବାଦ ଲିଙ୍ଗରାଜ ମନ୍ଦିର, ସମଲାଇ ମନ୍ଦିର, ଘଟଗାଁ ତାରିଣୀ ମନ୍ଦିର, ଗଞ୍ଜାମର ତାରାତାରିଣୀ ମନ୍ଦିର, ବରଗଡ଼ର ନୃସିଂହନାଥ ମନ୍ଦିର, ବଲାଙ୍ଗୀରର ହରିଶଙ୍କର, କଳାହାଣ୍ଡିର ସେଣ୍ଟ ପଲ୍ ପ୍ରୋଟେଷ୍ଟାଣ୍ଟ ଚର୍ଚ୍ଚ, କଟକର ମାଉଣ୍ଟ ହାଉସ୍ ଚର୍ଚ୍ଚ, ଭଦ୍ରକର ଦରଘା, ଭୁବନେଶ୍ୱର ଜାମା ମସଜିଦ ଓ ସୁନ୍ଦରଗଡ଼ର ଗୁରୁଦ୍ୱାର ଆଦି ଧାର୍ମିକ ସ୍ଥଳୀଗୁଡ଼ିକର ରୂପାନ୍ତରଣ କାର୍ଯ୍ୟ ତାଙ୍କର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜାରି ରହିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଏ ସବୁ ସ୍ୱପ୍ନକୁ ସାକାର କରିବାକୁ ସେ ଦିନ ରାତି ଏକ କରି ଦେଇଥିଲେ। ତାଙ୍କର ଦକ୍ଷତା, ପାରଦର୍ଶିତା, ଏକାଗ୍ରତା ଏବଂ ନିଷ୍ଠା ଉପରେ ପ୍ରଗାଢ଼ ବିଶ୍ୱାସ ଓ ଆସ୍ଥା ରହିଛି ମୁଖ୍ୟମନ୍ତ୍ରୀଙ୍କର। ସମାଲୋଚନାକୁ ଖାତିର ନକରି ଏକନିଷ୍ଠ ହୋଇ ଲାଗିପଡ଼ିଥିଲେ ଏ ଲକ୍ଷ୍ୟ ହାସଲ ଦିଗରେ। ଏ ଉଦ୍ୟମ ଚକିତ କରିଦେଲା ଭଳି ସୁଫଳ ବି ଆଣିଛି ଖୁବ କମ ଦିନ ଭିତରେ ଯାହା ଦଶନ୍ଧି ଦଶନ୍ଧି ଧରି ସମାଧାନ ହୋଇପାରୁନଥିଲା, ସରକାରୀ ହସ୍ତକ୍ଷେପ ଅପେକ୍ଷାରେ ଥିଲା, ଚୁଟକିରେ ସମାଧାନ କରିଥିଲେ ସେ। ସେ ଦେଖାଇ ଦେଇଥିଲେ ଯେ ପ୍ରବଳ ଇଚ୍ଛାଶକ୍ତି ଥିଲେ ସବୁ ସ୍ୱପ୍ନକୁ ସତରେ ପରିଣତ କରାଯାଇ ପାରିବ।

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆଖି, କାନ ଭାବେ ପରିଚିତ ଭି.କେ. ପାଣ୍ଡିଆନଙ୍କ ଏଭଳି କ୍ଲାନ୍ତହୀନ ଉଦ୍ୟମରେ ଯେମିତି ବିଜୁଳି ସଞ୍ଚରିଯାଏ ସାରା ବ୍ୟବସ୍ଥାରେ। ପ୍ରଶାସନିକ ମହଲାରେ ତଳୁ ଶୀର୍ଷ ଯାଏ ସମସ୍ତେ ଚଳଚଞ୍ଚଳ ହୋଇଯାଆନ୍ତି। ସରକାରୀ ବ୍ୟବସ୍ଥା ସୁପରସୋନିକ ବେଗରେ ଦୌଡ଼େ। ଏକମାତ୍ର ଲକ୍ଷ୍ୟ - ମୁଖ୍ୟମନ୍ତ୍ରୀଙ୍କ ସ୍ୱପ୍ନକୁ ସତ କରିବା। ଏହାର ମଙ୍ଗ ଧରି ସେ ଅପେକ୍ଷାକୃତ କମ ଦିନ ଭିତରେ ଏକଥା ପ୍ରମାଣିତ କରିଦେଇଛନ୍ତି ଯେ ଦକ୍ଷ ନେତୃତ୍ୱରେ ନିଃସ୍ୱାର୍ଥ ଉଦ୍ୟମ କଲେ ସବୁ କିଛି ହାସଲ କରିବା ସମ୍ଭବ, କୌଣସି ଲକ୍ଷ୍ୟ ଅପହଞ୍ଚ ନୁହେଁ। ଓଡ଼ିଶାର ବିକାଶରେ ନୂଆ ଭୂମିକାରେ ପାଣ୍ଡିଆନ ମହୋଦୟଙ୍କ ଦାୟିତ୍ୱ ନିଶ୍ଚିତ ରାଜ୍ୟବାସୀଙ୍କୁ ସୁଫଳ ପ୍ରଦାନ କରିବ। ୫ଟି ଓ ନବୀନ ଓଡ଼ିଶାର ନୂଆ ଦାୟିତ୍ୱରେ ସେ ରାଜ୍ୟବାସୀଙ୍କ ସେବା କରିବାର ସୁଯୋଗ ପାଇବା ସହ ରାଜ୍ୟର ବିକାଶ ଓ ଅଭିବୃଦ୍ଧି ତ୍ୱରାନ୍ୱିତ ନିଶ୍ଚୟ ହେବ। ଜଣେ ଓଡ଼ିଆ ଭାବେ ତାଙ୍କ ନୂତନ ନିଯୁକ୍ତିକୁ ସ୍ୱାଗତ କରୁଛି ଓ କୋଟି କୋଟି ଓଡ଼ିଆଙ୍କ ପକ୍ଷରୁ ତାଙ୍କୁ ଅଭିନନ୍ଦନ ଜଣାଉଛି।

ପୁରୀର ବହୁଳ ପ୍ରଚାରିତ ଐତିହ୍ୟ କରିଡ଼ର ପ୍ରକଳ୍ପର କାର୍ଯ୍ୟକାରୀ ଦାୟିତ୍ୱ ସିଧାସଳଖ ପାଣ୍ଡିଆନଙ୍କୁ ଦେଇଥିଲେ ମୁଖ୍ୟମନ୍ତ୍ରୀ। ଏହି ପ୍ରକଳ୍ପର ଉଦ୍ଦେଶ୍ୟ ଥିଲା ପୁରୀକୁ ଏକ ବିଶ୍ୱ ଐତିହ୍ୟ ସହରରେ ପରିଣତ କରିବା ସହ ସବୁ ପ୍ରକାର ସୁବିଧା ସୁଯୋଗ ମିଳିବା। ବିକାଶ ମାନଚିତ୍ରରେ ଓଡ଼ିଶାକୁ ଶୀର୍ଷରେ ପହଞ୍ଚାଇବା, ପ୍ରତିଟି ନାଗରିକ, ମହିଳାଙ୍କ ମୁହଁରେ ହସ ଫୁଟାଇବା, ଓଡ଼ିଶାର ସଂସ୍କୃତି ଓ ଐତିହ୍ୟର ଶ୍ରେଷ୍ଠତ୍ୱକୁ ବିଶ୍ୱ ଦରବାରରେ ପ୍ରତିପାଦିତ କରାଇବା।

ସାଇ ଭବନ, ପଲାଇ,
ବାଲିଚନ୍ଦ୍ରପୁର, ଯାଜପୁର,
ମୋ: ୯୯୩୭୪୭୦୯୮୦

ମୋବାଇଲ ସୂଚନା ଓ ସେଲ ବ୍ରଡକାଷ୍ଟ ଆଲର୍ଟ ସୂଚନା

ଅଲେଖ ଚନ୍ଦ୍ର ସାମଲ

ସମସ୍ତଙ୍କର ଜୀବନ ଯାତ୍ରା ଠିକଠାକ ଥିଲା। ଦଶହରାକୁ ନେଇ ସମସ୍ତେ ନିଜ ନିଜକୁ ବ୍ୟସ୍ତଥିଲେ ହଠାତ୍ ମୋବାଇଲ ଫୋନ ତତ୍କାଳ ସାଇରନ ଭାବେ ସ୍କ୍ରିନରେ ଏକ ବାର୍ତ୍ତା ଆସିଥିଲା। ତେବେ ଅନେକ ଏହାକୁ ବୁଝି ପାରୁନଥିଲେ। ତେବେ ସାମାଜିକ ଗଣମାଧ୍ୟମରେ ଏହି ମୋବାଇଲ ସ୍କ୍ରିନର ବାର୍ତ୍ତା ଛାଇଗଲା କିନ୍ତୁ ବାସ୍ତବରେ କଥା ଥିଲା ଅଲଗା। ରାଜ୍ୟ ଟେଲିକମ ବିଭାଗ, ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ, ଟେଲିକମ କମ୍ପାନୀ ଓ ସିଡଟର ମିଳିତ ସହଯୋଗରେ ଏହି ପରୀକ୍ଷଣ ହୋଇଥିଲା ଯେଉଁଥିରେ ୭୦ ହଜାରରୁ ଅଧିକ ବେଶ ଟାୱାର ଷ୍ଟେସନକୁ ସାମିଲ କରାଯାଇଥିଲା। ଏହା ଏକ ସଚେତନଧର୍ମୀ ବାର୍ତ୍ତା ଥିଲା। ଏଣିକି ମାତ୍ର ୧୦ ସେକେଣ୍ଡ ମଧ୍ୟରେ ରାଜ୍ୟବାସୀଙ୍କ ପାଖରେ ପହଞ୍ଚିବ ପ୍ରାକୃତିକ ଦୁର୍ବିପାକ ସଂକ୍ରାନ୍ତରେ ସତର୍କ ସୂଚନା। ମୋବାଇଲରେ ଏହି ଜରୁରୀକାଳୀନ ସତର୍କ ସୂଚନା ଉଭୟ ଆଞ୍ଚଳିକ ଏବଂ ଇଂରାଜୀ ଭାଷା ମାଧ୍ୟମରେ ଦିଆଯିବ। ପ୍ରାକୃତିକ ଦୁର୍ବିପାକ କହିଲେ ପ୍ରବଳରୁ ଅତି ପ୍ରବଳ ବର୍ଷା, ବନ୍ୟା, ବାତ୍ୟା, ଭୂକମ୍ପ, ସୁନାମି ଏବଂ ବଜ୍ରପାତ ଆସିବାର ଅଧଘଣ୍ଟା ପୂର୍ବରୁ ଲୋକଙ୍କ ମୋବାଇଲରେ ପହଞ୍ଚିବ ସତର୍କ ସୂଚନା। ମେସେଜ ପାଇବା ପରେ ସତର୍କ ସୂଚନା ପଢ଼ି ଆଖପାଖରେ ଥିବା ନିରାପଦ ସ୍ଥାନକୁ ଚାଲିଯିବେ। ଏହାଦ୍ୱାରା ବ୍ୟାପକ ଧନଜୀବନ କ୍ଷତିକୁ ରୋକା ଯାଇପାରିବ। ଏନେଇ ବୁଧବାର ଦୂର ସଞ୍ଚାର ବିଭାଗ ପକ୍ଷରୁ ସେଲ ବ୍ରଡ଼କାଷ୍ଟିଂ ସିଷ୍ଟମ ବ୍ୟବସ୍ଥାକୁ ପରୀକ୍ଷା କରାଯାଇଛି। ରାଜ୍ୟରେ ୧୦ରୁ ୨୦ ସେକେଣ୍ଡ ମଧ୍ୟରେ ୯୯% ମୋବାଇଲ ଉପଭୋକ୍ତାଙ୍କ ପାଖରେ ମେସେଜ ପହଞ୍ଚିଥିଲା।

ସେଲ ବ୍ରଡକାଷ୍ଟ ଆଲର୍ଟ ସିଷ୍ଟମ କଣ ? : ଏହି ଟେକ୍ନୋଲୋଜି ଦ୍ୱାରା ଲକ୍ଷ ଲକ୍ଷ ଲୋକଙ୍କୁ ମାତ୍ର କେଇ ସେକେଣ୍ଡରେ ଏକାବେଳେକେ ମେସେଜ ପଠାଯାଇପାରିବ। ଡିଓଟି ଚାହିଁଲେ ଗୋଟିଏ ରାଜ୍ୟ କିମ୍ବା ଗୋଟିଏ ଜିଲ୍ଲା କିମ୍ବା କୌଣସି ନିର୍ଦ୍ଦିଷ୍ଟ ଇଲାକାର ସବୁ ସକ୍ରିୟ ମୋବାଇଲକୁ ଏକାବେଳକେ ମେସେଜ ପଠାଇପାରିବେ। ଜରୁରୀ ବାର୍ତ୍ତା ସହ ମେସେଜଟି ମୋବାଇଲ ଟପ ସ୍କ୍ରିନରେ ଆପେ ବାହାରିବ। ଅଚାନକ ଆର୍ଲାଟ ଶବ୍ଦ ଖୁବ ଜୋରରେ ବାଜିବ। ମୋବାଇଲ ବି ଥରି ଉଠିବ। ମେସେଜରେ କିଛି ଅତି ଜରୁରୀ ଓ ଗୁରୁତ୍ୱପୂର୍ଣ୍ଣ ବାର୍ତ୍ତା ଲେଖା ଥିବ। ଏଥିରେ ଉପଭୋକ୍ତାଙ୍କୁ ମେସେଜ ବକ୍ସକୁ ଯାଇ ମେସେଜ ପଢ଼ିବାକୁ ପଡ଼ିବନି। ଟେଲିକମ ଟ୍ରାଫିକିଂରୁ ବି ମୁକ୍ତି ମିଳିବ। ଖୁବ ଶୀଘ୍ର ଏକ ପୋର୍ଟାଲ ଖୋଲାଯିବ। ଉଭୟ ଜାତୀୟ ଓ ରାଜ୍ୟ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣ କର୍ତ୍ତୃପକ୍ଷ ଏଥିରେ ରହିବେ। ଡ଼ିଓଟି ଜରିଆରେ ଲୋକଙ୍କୁ ସମ୍ଭାବ୍ୟ ବିପତ୍ତି ନେଇ ସୂଚନା ଦିଆଯିବ।

ବାସ୍ତବରେ ଭାରତ ପରି ସୂଚନା ପ୍ରଯୁକ୍ତିର ଆଗୁଆ ଦେଶ ଏ ନେଇ ସତର୍କ ହେବା ଅତ୍ୟନ୍ତ ଜରୁରୀ। କାରଣ ଏହା ଏକ ବିକଶିତ ଭାବେ ଟେଲିକମ ସୂଚନାଧର୍ମୀ କାର୍ଯ୍ୟକ୍ରମ। କୌଣସି ପ୍ରାକୃତିକ ବିପର୍ଯ୍ୟୟ ପୂର୍ବରୁ ଏହା ଲୋକମାନଙ୍କୁ ସୂଚୀତ କରାଯାଇପାରିବ। ବିଶେଷକରି ଜରୁରୀକାଳୀନ ସମୟରେ ଲୋକଙ୍କ ପାଖରେ ସତର୍କ ସୂଚନାକୁ ପହଞ୍ଚାଇବା ଲାଗି ଏହାକୁ ବିକଶିତ କରାଯାଇଛି। ଏହା ଏକ ପୁସ ମେସେଜ ଭଳି ଯାହାକୁ ଦେଖିବା ବାଧ୍ୟତାମୂଳକ। ତେବେ ଏହା ସାଇବର ଠକେଇ ସହିତ କୌଣସି ସମ୍ପର୍କ ନାହିଁ। ବାସ୍ତବକଥା ହେଉଛି ଏହା ଏକ ନମୁନା ପରୀକ୍ଷାର ବାର୍ତ୍ତା ଯାହା ଟେଲିକମ ବିଭାଗ, ଭାରତ ସରକାରଙ୍କ ଦ୍ୱାରା ସେଲ ବ୍ରଡକାଷ୍ଟିଂ ସିଷ୍ଟମ ଦ୍ୱାରା ପଠାଯାଇଥିଲା। ଜାତୀୟ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ଅଲ ଇଣ୍ଡିଆ ଜରୁରୀ କାଳୀନ ଆଲର୍ଟ ସିଷ୍ଟମ ପରୀକ୍ଷା କରିବାକୁ ଏହି ବାର୍ତ୍ତା ପଠାଯାଇଛି। ଜନସାଧାରଣଙ୍କ ସୁରକ୍ଷା ବଢ଼ାଇବା ସହ କୌଣସି ଆପତ୍ତ କାଳୀନ ସମୟରେ ସଠିକ ଭାବେ ସତର୍କ ସୂଚନା ପ୍ରଦାନ ପାଇଁ ଏହି ବ୍ୟବସ୍ଥା ରହିଛି। ଏହାକୁ ନେଇ କୌଣସି ଭ୍ରାନ୍ତ ଧାରଣାରେ ଲୋକମାନେ ପଡ଼ିବା ଅନୁଚିତ ଏବଂ ଏଥିରେ ଲୋକ ସରକାର ଓ ଟେଲିକମ ବିଭାଗକୁ ସହାୟତା କରିବା ଦ



ପୁଲକ ଚିତ୍ର

ପ୍ରଦ୍ୟୁମ୍ନ ପଟ୍ଟନାୟକ

ଲାଖ ବିନ୍ଧା

ପପୁ ପୂଜା ଛୁଟିରେ ଆସିଥାଏ ଜେଜେଙ୍କ ପାଖକୁ । ଜେଜେ ରହୁଥାଆନ୍ତି ତାଙ୍କ ମଫସଲ ଗାଆଁରେ । ପପୁ ତାଫ ବାପା ମାଫଙ୍କ ସହ ରହେ ସହରରେ । ବାପାଙ୍କ ଚାକିରି ଜାଗାରେ। ଦୁଇ ତିନି ଦିନ ଗାଆଁରେ ବୁଲାବୁଲି କରିବା ପରେ ପପୁ ପଚାରିଲା, ଫଜେଜେ ତୁମ ଗାଆଁ ରେ କଫ ଦୁର୍ଗାପୂଜା ହୁଏନି କି ? କାହିଁ କେଉଁଠି ହେଲେ ମେଢ଼ କି ମୂର୍ତ୍ତିତ ଦେଖିଲି ନାହିଁ । ଜେଜେ ସ୍ନେହରେ ପପୁକୁ ପାଖକୁ ଆଉଜେଇ ଆଣି

କହିଲେ, ଆରେ ପପୁ ଇୟେ କେବଳ ମୋର ନୁହଁ, ତୋ ବାପାଙ୍କର ଏବଂ ତୋର ଆମ ସମସ୍ତଙ୍କର ଗାଆଁ। ତୋ ବାପାଙ୍କ ଚାକିରି ପାଇଁ ସିନା ତୁମେ ମାନେ ସହରରେ ରହୁଛ । ତୁ ସେଠି ପାଠ ପଢୁଛୁ । ନହେଲେ ଆମ ସମସ୍ତଙ୍କ ଜନ୍ମ ପରା ଏଇ ଗାଆଁ ମାଟିରେ ।

ହଁ ପୂଜା କଥା ପଚାରୁଥିଲୁ ପରା । ସହର ଭଳି ଆମ ଗାଆଁରେ ଦୁର୍ଗା ପୂଜା ହୁଏନି। ଦଶହରା ପାଳନ କରାଯାଏ ।

- ଦଶହରାରେ କଣ ସବୁ ହୁଏ ଜେଜେ ?

- ଦଶହରାରେ ଘରେଥିବା ପୁରୁଣା କାଳର ଖଣ୍ଡା, ତରବାରି ଏବଂ ଲେଖନୀ ସହ ବ୍ୟବହାର ହେଉଥିବା ଚାଷ ଉପକରଣ, ଗାଡ଼ି ମଟର ଆଦିକୁ ପୂଜା କରାଯାଏ । ମଣ୍ଡା ପିଠା ତିଆରି ହୁଏ । ଗାଆଁ ଦାଣ୍ଡରେ ଖଣ୍ଡା ଖେଳ, ଲାଠି ଖେଳ ହୁଏ। ଶେଷରେ ଲାଖ ବିନ୍ଧା ହୋଇ ଦଶହରା ପର୍ବ ଶେଷ ହୁଏ ।

ପପୁ କହିଲା, ମୁଁ ତ ଏସବୁ ସହରରେ ଦେଖିନାହିଁ ଜେଜେ ତେଣୁ ଜାଣି ପାରୁନାହିଁ । ଜେଜେ କହିଲେ, ଆଉ ଦୁଇଦିନ ପରେ ତ ଦଶହରା । ଏଥର ଦେଖିବୁ । ମୁଁ ତୋତେ ସାଙ୍ଗରେ ନେଇ ସବୁ ଦେଖାଇ ଦେବି । ପପୁ ବଡ ଆଗ୍ରହର ସହ ଅପେକ୍ଷା କରି ରହିଥାଏ ଗାଆଁରେ ଦଶହରା ଦେଖିବାକୁ ।

ଦଶହରା ଦିନ ଜେଜେ ସକାଳେ ଗାଧୋଇ ସାରି ଘର କୋଣରୁ ବାହାର କଲେ ଗୋଟିଏ ପୁରୁଣା ତରବାରି ଏବଂ ବାକ୍ସରୁ ଲୁହାର ଲେଖନୀ । ତାକୁ ପୋଛା ପୋଛି କରି ସେଥିରେ ସିନ୍ଦୂର ଚନ୍ଦନ ଲଗାଇ ରଖିଲେ ପୂଜା ସ୍ଥାନରେ । ବାଡ଼ିପଟକୁ ଯାଇ ଲଙ୍ଗଳ ଯୁଆଳି ଏବଂ ଶଗଡ଼ ଦେହରେ ପିଠୋଉ ସହ ଢ଼ାଉ ମିଶାଇ ଚିତା ଲଗାଇଲେ । ସେତେବେଳକୁ ମଣ୍ଡା ପିଠା ତିଆରି ସାରିଥାଏ । ପୁରୁଣା ଅସ୍ତ୍ରଶସ୍ତ୍ର ଏବଂ ଚାଷ ଉପକରଣ ଗୁଡିକ ପାଖରେ ମଣ୍ଡା ପିଠା ଭୋଗ ଲାଗି ହେଲା । ତାପରେ ଘର ଲୋକମାନେ ପିଠା ଖାଇଲେ । ସେହି ପିଠା ସାହି ପଡିଶାରେ ବଣ୍ଟା ହେଲା । ମାଗିବାକୁ ଆସିଥିବା ଲୋକଙ୍କୁ ଦିଆଗଲା ।

ପପୁ ମଣ୍ଡା ପିଠା ଖାଇ ଶୋଇ ଯାଇଥିଲା । ଢୋଲ ବାଦ୍ୟରେ ତା ନିଦ ଭାଙ୍ଗିଗଲା । ଜେଜେଙ୍କ ପାଖରେ ଠିଆହୋଇ ଦେଖିଲା ଦାଣ୍ଡରେ କିଛି ଲୋକ ରୁଣ୍ଡ ହୋଇ ଥାଆନ୍ତି । ତା' ମଧ୍ୟରୁ ଦୁଇ ତିନିଜଣ ଢୋଲ ବାଦ୍ୟର ତାଳେ ତାଳେ ଲାଠି ଖଣ୍ଡା ବୁଲାଇ ଖେଳ କସରତ ଦେଖାଉ ଥାଆନ୍ତି। ଜେଜେ ବୁଝାଇ ଦେଲେ ଏମାନେ ହେଲେ ପାଇକ ବଂଶଧର। ପାଇକ ଅର୍ଥ ଆଗରୁ ଥିବା ରାଜା ମାନଙ୍କର ସୈନିକ । ସେମାନେ ପାରମ୍ପରିକ ଯୁଦ୍ଧ କୌଶଳ ପ୍ରଦର୍ଶନ କରୁଛନ୍ତି ।

ଶୋଭାଯାତ୍ରା ଆଗକୁ ଆଗକୁ ଯାଉଥିଲା। ଜେଜେ ପପୁର ହାତ ଧରି ପଛେ ପଛେ ଲୋକଙ୍କ ସହ ଚାଲୁଥାଆନ୍ତି । ସେମାନେ ଯାଇ ଅଟକି ଗଲେ ଗାଆଁ ମୁଣ୍ଡରେ ଥିବା ଖୋଲା ପଡ଼ିଆରେ । ଜେଜେ କହିଲେ, ସେ ଜାଗାର ନାଆଁ ଲାଖବିନ୍ଧା। କାରଣ ସବୁ ବର୍ଷ ଦଶହରାରେ ସେଇଠି ଲାଖାବିନ୍ଧା ହୁଏ।

ପପୁ ପଚାରିଲା, - ଜେଜେ ଲାଖବିନ୍ଧା ଅର୍ଥ କଣ । ଜେଜେ କହିଲେ, ତୋତେ ପରା ଆଣିଛି ଦେଖାଇବାକୁ, ଦେଖ କଣ ହେଉଛି।

ସେହି ସ୍ଥାନରେ କିଛି ଦୂରରେ ଠିଆ କରାଇ ଦିଆଗଲା ଗୋଟିଏ ପୁତଳିକା । ତୀରନ୍ଦାଜ ମାନେ ସେ ପୁତଳିକାକୁ ଲକ୍ଷ୍ୟ କରି ତୀର ମାରିଲେ। ଯିଏ ସଠିକ୍ ଲକ୍ଷ୍ୟ ଭେଦ କଲା ତାକୁ ବିଜୟୀ ଘୋଷିତ କରାଗଲା । ତା ମୁଣ୍ଡରେ ଶିରପା ବନ୍ଧାଗଲା। ପପୁ କହିଲା, ଜେଜେ ସହରରେ ବି ଦଶହରା ଦିନ ରାବଣ ପୋଡ଼ି ହୁଏ । ରାମ ଲକ୍ଷ୍ମଣ ଅଭିନୟ କରୁଥିବା କଳାକାର ତୀର ମାରି ରାବଣ, କୁମ୍ଭକର୍ଣ୍ଣ ଏବଂ ଇନ୍ଦ୍ରଜିତକୁ ଜଳାନ୍ତି। ଜେଜେ କହିଲେ, ହଁ ଆଗରୁ ଗୋଳା ବାରୁଦ ବନ୍ଧୁକ କମାଣ ନଥିଲା। ଯୁଦ୍ଧ ଖଣ୍ଡା, ତରବାରି, ତୀର ଆଦି ଶସ୍ତ୍ର ସାହାଯ୍ୟରେ କରାଯାଉ ଥିଲା। ସେହି ପରମ୍ପରାର ସ୍ମୃତି ଏହି ଲାଖବିନ୍ଧା ।

ପପୁ କହିଲା, ଏଥର ସ୍କୁଲ ଫେରିଲେ ମୋ ସାଙ୍ଗ ମାନଙ୍କୁ କହିବି ଆମ ଗାଆଁ ଲାଖବିନ୍ଧା ବିଷୟରେ ।

+ଫ୍ଲାଟ୍ ନମ୍ବର -୧୦୧, ପ୍ରକାଶ ଦୀପ
ଟାୱାର ଜୟ ଦୁର୍ଗା ନଗର,
ଭୁବନେଶ୍ୱର -୭୫୧୦୦୬
ମୋ:୯୯୬୮୨୮୦୮୯୬

ପୁଷ୍ପଲତା ମିଶ୍ର

ଗୁରୁ ଶିଷ୍ୟର ସମ୍ପର୍କ

ଏ ଦୁନିଆ ବଡ଼ ବିଚିତ୍ର ! କିଏ ନିଜର ତ କିଏ ସାତ ପର, ସତ ଆଉ ଧର୍ମକୁ ପାଥେୟ କରି କର୍ମ ମୟ ଜୀବନ ଅତିବାହିତ କରନ୍ତି ସନାତନ ମାଷ୍ଟ୍ରେ ! ପ୍ରାଇମେରୀ ସ୍କୁଲର ଶିକ୍ଷକତା କରନ୍ତି।

ସେ ଘରେ ସ୍ତ୍ରୀ ଦୁଇ ଝିଅ ଗୋଟିଏ ପୁଅକୁ ନେଇ ତାଙ୍କ ପରିବାର।

ଝିଅ ରାନୁ, ସିନୁ ଓ ପୁଅ ସୋମୁ ପାଞ୍ଚ ପ୍ରାଣୀ କୁଟୁମ୍ବକୁ ଯେନତେନ ପ୍ରକାରେ ଚଳେଇ ନିଅନ୍ତି ସନାତନ ମାଷ୍ଟ୍ରେ। ତିନି ଏକର ସମ୍ପତି ଯାହା କିଛି ମିଳେ ଆଉ ଦରମା ଗଣ୍ଡାକ ନେଇ ଚଳି ଯାଆନ୍ତି ମାଷ୍ଟ୍ରେ । ହିଂସା ଅହଙ୍କାର ତାଙ୍କୁ ସ୍ପର୍ଶ କରି ପାରିନଥିଲା। କୁନି କୁନି କଅଁଳ ଶିଶୁ ମାନଙ୍କୁ ବିଦ୍ୟା ଶିକ୍ଷା ଦିଅନ୍ତି, କେମିତି ସେମାନେ ଭଲ ମଣିଷ ହେଇ ଏ ଦୁନିଆ ବଡ଼ ଦାଣ୍ଡରେ ପ୍ରତିଷ୍ଠିତ ବ୍ୟକ୍ତି ହିସାବରେ ନିଜକୁ ଗଢି ତୋଳିବେ । ଏକା ଧାରରେ ସେ ଥିଲେ କର୍ତ୍ତବ୍ୟନିଷ୍ଠ ଗୁରୁଜୀ !!

ଯିଏ ଜୀବନରେ ପ୍ରତିଟି ଘାତ ପ୍ରତିଘାତକୁ ଏକା ସମ୍ଭାଳି ନେଇଛି ତାକୁ କାହାରକୁ ମନ୍ତ୍ରଣା ବିଗାଡି ପାରିବ ନାହିଁ ଏହାକୁ ଆଧାର କରି କର୍ମମୟ ଜୀବନ ଯାପନ କରନ୍ତି ସନାତନ ମାଷ୍ଟ୍ରେ।

ଚାକିରି ଜୀବନ ସରି ଗଲାଣି, ସମ୍ପତିରୁ କିଛି ବିକି ଗୋଟିଏ ଝିଅର ବିବାହ ସାରିଛନ୍ତି ମାଷ୍ଟ୍ରେ। ଆହୁରି ଗୋଟିଏ ଝିଅର ବିବାହ ପୁଅଟିର ପାଠ ପଢା,ଏଥିରେ ଛଅ ମାସ ହେଲାଣି ଅବସର ନେବା, ପେନସନ ଗଣ୍ଡାକତ ଏ ପର୍ଯ୍ୟନ୍ତ ହୋଇପାରି ନାହିଁ। ଏ ବର୍ଷ ଫସଲ ଉଜୁଡ଼ି ଗଲା ଲଘୁଚାପ ବର୍ଷା ହେତୁ ଯାହା ଧାନ ମିଳିବ ବର୍ଷକ ପାଇବନି। ନିତ୍ୟକର୍ମ ସାରି ମାଷ୍ଟ୍ରେ ବାହାରିଲେ ବି .ଇ .ଓ ଅଫିସକୁ। ଦେଖିଲେ ନାମ ଫଳକରେ ଲେଖା ଅଛି।

ସତ୍ୟ ପ୍ରକାଶ କର ଖୁସି ହୋଇଗଲେ ମାଷ୍ଟ୍ରେ। ଏ ତାଙ୍କର ମେଧାବୀ ଛାତ୍ର ଥିଲା। ଏଇ ହାତରେ ପାଠ ପଢ଼ାଇ ମଣିଷ କରିଛନ୍ତି। ସତ୍ୟକୁ ବହୁତ ଭଲ ପାଉଥିଲେ ମାଷ୍ଟ୍ରେ । ଭାବନାରେ ବୁଡିଗଲେ ମାଷ୍ଟ୍ରେ.....। ଝିଅ ବାହାଘର ପୁଅର ପାଠପଢା ନିଶ୍ଚିନ୍ତ ସବୁ ହେଇଯିବ ପେନସନ ମିଳିଗଲେ। ଏହି ଆଶା ନେଇ ଅଫିସ ଭିତରକୁ ପଶିବାକୁ ଯାଇଛନ୍ତି । ଚପରାସି ଅଟକାଇ କହିଲା ଅଫିସ ଭିତରକୁ ଏମିତି ପଶି ଯାଇଛନ୍ତି କଣ ? କାଗଜରେ ନାମ ଲେଖି ଦିଅ, ସାର ଅନୁମତି ଦେଲେ ଭିତରକୁ ଯିବେ । ମାଷ୍ଟ୍ରେ କହିଲେ ତୁମ ସାର ମୋର ଛାତ୍ର ମୁଁ ତାକୁ ପାଠ ପଢେଇ ମଣିଷ କରିଛି ସେ ମୋ ବିଦ୍ୟାଳୟର ମେଧାବୀ ଛାତ୍ର ଥିଲା। ହଉ, କହୁଛ ଯଦି ନାମ ଲେଖି ଦଉଛି, ଦେଖିବ ପୁଅ ତୁମ ସାର ମୋ ନାମ ଦେଖି କେମିତି ବାହାରକୁ ଉଠି ଆସିବେ ମତେ ପ୍ରଣାମ ଜଣାଇ କେତେ ସମ୍ମାନ କରିବେ। ଅଫିସ ଭିତରୁ ଅନୁମତି ଆସୁ ନାହିଁ, ଚପରାସିକୁ ମିନତି କରି କହିଲେ, ପୁଅ ମୁଁ ବହୁତ ଦୂରରୁ ଆସିଛି ଡେରି ହେଇଯିବ, ହଉ ପାଞ୍ଚ ଶହ ଦିଅ ମୁଁ ଭିତରକୁ ଛାଡିଦେବି, ମାଷ୍ଟ୍ରେ କହିଲେ,ଗାଁକୁ ଫେରିବାକୁ ଶହେ ଟଙ୍କା ମାତ୍ର ମୋ ପାଖରେ ଅଛି, ହଉ ଦିଅ ଭିତରକୁ ଯାଅ !

ମାଷ୍ଟ୍ରେ ଭିତରକୁ ଗଲେ ଓ କହିଲେ ଆରେ ସତ୍ୟ ତୁ କେବେଠାରୁ ଏଇ ଅଫିସକୁ ଆସିଲୁଣିରେ ମୁଁ ଜମା ଜାଣି ପାରିଲିନି, ହ ଜାଣିଲୁ ସତ୍ୟ ମୁଁ ସନାତନ ମାଷ୍ଟ୍ରେ ସୁଜନପୁର ଉପ୍ର। ବିଦ୍ୟାଳୟର ଶିକ୍ଷକ..... ବି .ଇ .ଓ କହିଲେ କଣ ଏମିତି ବାଟ।ଳଙ୍କ ପରି ଗପୁଛନ୍ତି ଅଫିସ ଭିତରକୁ ଆସି ଏମିତି ତୁ ତା କହିବାକୁ ସାହସ କେମିତି ହେଲା ? ମୁଁ ତ ତୁମକୁ ଅନୁମତି ଦେଇନି ଭିତରକୁ ଆସିବାକୁ ଭୁଲ ସନାତନ ମାଷ୍ଟ୍ରେ କହିଲେ ଭୁଲ ହେଇଗଲା। ସାର ମୁଁ ଶିକ୍ଷକ ସନାତନ ବିଶ୍ୱାଳ ଉପ୍ରା ବିଦ୍ୟାଳୟ ସୁଜନପୁର।

ଆଜକୁ ଛଅ ମାସ ହେଲାଣି ଅବସର ନେବାର କିନ୍ତୁ ମୋର ପେନସନ ହୋଇପାରିନି ସେଥିପାଇଁ ଆସିଥିଲି ସାର !! ସମସ୍ତ କାଗଜ ପତ୍ର ଦେଖି ବି. ଇ.ଓ ସାର କହିଲେ କାଗଜ ପତ୍ର ଠିକ୍ ନାହିଁ ପେନସନ ମିଳିବା କଷ୍ଟକର ହେବ। ନାଇ ସାର ଭଲକି ଦେଖନ୍ତୁ , ଝିଅ ବାହାଘର ଅଛି ପେନସନ ହେଇଗଲେ ବାହାଘରଟା ହେଇଯିବ। ଯଦି ଶୀଘ୍ର ଚାହୁଁଛ ତେବେ ପଚାଶ ହଜାର ଦବାକୁ ପଡ଼ିବ। ପେନସନ ପାଇଁ ଚେଷ୍ଟା କରିବି ନହେଲେ ଏମିତି ବରଷେ ଦୌଡ଼ିଲେ ବି ହେଇପାରିବ ନାହିଁ । ଏତେ ଟଙ୍କା କେଉଁଠାରୁ ଆଣିବା ? ହଉ ସାର ମୁଁ ଆସୁଛି ! ମନ ଦୁଃଖରେ ଫେରି ଆସିଲେ ସନାତନ ମାଷ୍ଟ୍ରେ । ବାଟ ଖର୍ଚ୍ଚ ଟଙ୍କାକୁ ତ ଚପରାସିକୁ ଦେଇ ଦେଲେ। ଗ୍ରାମକୁ ଚାଲି ଚାଲି ଯିବାକୁ ପଡିବ। ଖରା ଆସି ମୁଣ୍ଡ ଉପରେ ଚାଲିଥାଆନ୍ତି । ସନାତନ ମାଷ୍ଟ୍ରେ ଏମିତି ଯାଉ ଯାଉ କେତେବେଳେ ସେ ପଡ଼ି ଯାଇଛନ୍ତି । ସେହି ବାଟରେ ଅଟୋ ଚାଳକ ବିନୋଦ ଯାଉ ଯାଉ ଦେଖିଲା ଜଣେ କିଏ ଚେତା ହରେଇ ପଡିଛନ୍ତି। ବିନୋଦ ପାଖକୁ ଯାଇ ଦେଖନ୍ତି ତ! ତାକୁ ପାଠ ପଢେଇଥିବା ସନାତନ ମାଷ୍ଟ୍ରେ!! ଏମିତି ଏ ଅବସ୍ଥାରେ ? ପାଣି ଛାଟି ଚେତା ଫେରିବା ପର୍ଯ୍ୟନ୍ତ ଜଗି ବସିଲା ବିନୋଦ ! ମାଷ୍ଟ୍ରେଙ୍କ ଚେତା ଫେରିଲା ପରେ ଦେଖିଲେ ତାଙ୍କୁ କିଏ ଜଗି ବସି ପାଦ ମଚାଲୁଛି। କିଏ ତୁମେ ? ? ମତେ ଚିହ୍ନି ପାରୁନାହାନ୍ତି ସାର, ମୁଁ ପରା ବିନୋଦ। ତୁମ ପାଖରେ ପଢୁଥିଲି ମୋର ପାଠ ହେଉନଥିଲା ବୋଲି କେତେ ମତେ ବାଡେଇଛନ୍ତି, ମୋର ପାଠ ହେଲାନି ତ ?

ଆଉ କଣ କରିଥାନ୍ତି ? ଲୋନ ଆଣି ଏହି ଅଟୋ ଚଳାଇ ପରିବାର ପୋଷୁଛି। ହଁ ହଁ ଚିହ୍ନିଲି ! ତୋ ସହ ପଢୁଥିଲା ସତ୍ୟ ପ୍ରକାଶ କରକୁ ତୋର ମନେ ପଡୁଛି କି ? ସେ ଏଠି ବି. ଇ.ଓ ଅଛି, ମୋର ପେନସନ ପାଇଁ ତା ପାଖକୁ ଯାଇଥିଲି , ମତେ ଚିହ୍ନି ପାରିଲାନି।

ପେନସନ କରିବା ବାବଦକୁ ପଚାଶ ହଜାର ଟଙ୍କା ଲାଞ୍ଚ ମାଗିଲା, କୋଉଠୁ ଆଣିବି ପଚାଶ ହଜାର ! ଫେରି ଆସୁ ଆସୁ ଏଇଠି ପଡ଼ିଗଲି ।

ସାର ଆପଣ ବ୍ୟସ୍ତ ହୁଅନ୍ତୁ ନାହିଁ ଆସନ୍ତୁ ମୋ ସହିତ ମୋର ଜଣେ ଅଫିସର ମାନେ କଲେକ୍ଟର ଚିହ୍ନ। ଅଛନ୍ତି, ତାଙ୍କର ଗାଡ଼ି ମୁଁ ଚଳାଉଥିଲି ସେ ସଜୋଟ ଅଫିସର ଆପଣଙ୍କ ପେନସନ ନିଶ୍ଚିନ୍ତ କରାଇ ଦେବେ। ସାର ମୋ ଅଟୋରେ ବସନ୍ତୁ।

ମୋ ପାଖରେ ଅଟୋ ଭଡ଼ା ଦବାକୁ ଟଙ୍କା ନାହିଁରେ ବିନୋଦ !

ସେଥିପାଇଁ ଚିନ୍ତା କରନ୍ତୁ ନାହିଁ। ଆସନ୍ତୁ ଏଇଟା କଲେକ୍ଟରଙ୍କ ଘର, ସବୁ କଥା ଏମାନଙ୍କଠାରୁ ଶୁଣି କହିଲେ ଆପଣଙ୍କ ପେନସନ ହେଇଯିବ ଆପଣ ବସନ୍ତୁ ମୁଁ କଲ କରୁଛି। ଫୋନ ରିଂ ରିଙ୍ଗ ଶବ୍ଦ ଶୁଣି ବି. ଇ.ଓ ଫୋନ ଉଠିଲେ କହିଲେ ହାଲୋ।

ସତ୍ୟ ପ୍ରକାଶ ସେ ସୁଜନ ପୁରରୁ ଆସିଥିବା ସନାତନ ବିଶ୍ୱାଳଙ୍କର ପେନସନ କାଗଜ ପତ୍ର ତ ଠିକ୍ ଅଛି ତାଙ୍କୁ ଫେରାଇ ଦେଲେ କାହିଁକି ? ସାର ସାର କିଛି ମୁଁ ଶୁଣିବାକୁ ଚାହେଁ ନା ସାତ ଦିନ ସମୟ ଦେଲି ତାଙ୍କୁ ଡାକି ତାଙ୍କର ପେନସନ ଠିକ୍ କରି ସମସ୍ତ ଟଙ୍କା ଦେଇ ମତେ ଜଣାଅ..... ଆଜ୍ଞା ସାର !!!

ଏହାହିଁ ଗୁରୁ ଶିଷ୍ୟର ସମ୍ପର୍କ !!!

ଭୁବନେଶ୍ୱର
ମୋ: ୯୩୩୮୨୯୪୬୫୭



ହେମନ୍ତ ଋତୁ ଇଏ

କୀର୍ତ୍ତନ ସାହୁ

ଆଲୋ ବଉଳ ଆ '
ଖେଳିବା ଆମେ
ନାଚିବା ଆମେ
ବହୁଛି ମିଠା ବା ' ।

ନାହିଁ ତ ଟାଣ ଖରା
ଫୁଟିଛି ଫୁଲ
ନୁହେଁ କେ ତୁଲ
ହସୁଛି ଆମ ଧରା ।

ନଈର ଧୀର ପାଣି
କେଡ଼େ ନିର୍ମଳ
କେଡ଼େ ବିମଳ
ମନଟି ନିଏ ଟାଣି ।

ସୁନ୍ଦର ଶସ୍ୟ କ୍ଷେତ
କାର୍ତ୍ତିକ ମାସ
ହସଇ ଚାଷ
ଉଡେ ନାଲିଆ ନେତ ।

ଆରମ୍ଭ ହୁଏ ଶୀତ
ଗରମ ନାହିଁ
ଥଣ୍ଡା ବି ନାହିଁ
ଖୁସି ଲାଗଇ ମିତ ।

କେମନ୍ତ ଋତୁ ଇଏ
ଖୁସିର ବେଳା
କରନା ହେଳା
କାମ ଆନନ୍ଦ ଦିଏ ।

ନ ରଖି ମନେ ଭୟ
କରିବା ବାଗେ
ବଢିବା ଆଗେ
ସବୁଠି ହେବ ଜୟ ।

+ମିଶ୍ର କଲୋନୀ
ଶାଳପଡ଼ା , କେନ୍ଦୁଝର
ମୋ: ୯୪୩୮୪୧୪୭୦୧

କବିତା

ତୁମ ପାଇଁ

ମୋ ଝିଅ ସୁନା ଝିଅ

ଦିଲିପ କୁମାର ତ୍ରିପାଠୀ

ମୋ ଝିଅ ସୁନା ଝିଅ ହୀରା ପରି ହସେ
ମୋ ଜୀବନ ଅନ୍ଧକାରେ ଚକ୍ ମକ୍ ଦିଶେ
ଦୁଃଖ ପରେ ସୁଖ ଏବେ ପାଦ ଚାପି ଆସେ
ମୋ ଝିଅର ମହକରେ ସାରା ଘର ବାସେ।

ମୋ ଝିଅ ଜନମରେ ଆୟୁ ମୋର ବଢ଼ିଲା
ବାପା ବୋଲି ଡାକିବାକୁ କେହି ଜଣେ ଆସିଲା
କୁନି କୁନି ଲକ୍ଷ୍ମୀ ପାଦ ନେଇ ସିଏ ଆସିଲା
ଦିଗ ହରା ଏ ଜୀବନେ ଆଶା ଦୀପ ଜାଳିଲା।

ଯାହା ପାଇଁ ଆମେ ଦୁହେଁ ବାପା-ମାଆ ହୋଇଲୁ
ବହୁ ପୂଜା-ପାଠ ପରେ ଯାହା ଆମେ ପାଇଲୁ
ସେଇ ଆମ ସୁନା ପରୀ ଆମ ଧନ ଜୀବନ
ଏମିତି ଏ ସୁଖ ,ଯାହା ଥିଲା ଦିନେ ସପନ।

ଆଈ ଠାରୁ ତେଲ ଘଷା ନିତି ନିତି ପାଇବ
ପ୍ରେମ ମିଶା ଅମୃତ ସେ ମାଆ ଠାରୁ ପିଇବ
ଆମ ଛୋଟ ଆକାଶରେ ଟିକି ତାର ସାଜିବ
ବାପା ମାଆ ଆଖି ପାଇଁ ଆଲୋକ ସେ ହୋଇବ।

ଜୀବନଟା ସାରା ଆମେ ରୁଣି ତାର ହୋଇବୁ
ସବୁ କଥା ପଛେ, ଆଗେ ତା ସେବା କରିବୁ
ଆମ ଘର ଚାରି ପାଖେ ହସ ପକ୍ଷୀ ଉଡ଼ିବ
ସ୍ନେହ, ଶ୍ରଦ୍ଧା, ମମତାରେ ଝିଅ ମୋର ବଢ଼ିବ।

ଝିଅକୁ ମୋ ସୁନା ଝିଅ ସଭିଏଁ ତ କହିବେ
ମୋ ଝିଅ ପରି କେହି ଦୁନିଆରେ ନୋହିବେ।

+ଢେଙ୍କାନାଳ, ପର୍ଜଙ୍ଗ,
କୁନ୍ଦନଦେଇପୁର ଶାସନ
ମୋ:୯୯୧୬୦୬୫୮୬୬

ଖରାଛାଇ ଖେଳ

ପ୍ରଶାନ୍ତ କୁମାର ଦାଶ

ଏଇ ଜୀବନଟା ଖରାଛାଇ ଖେଳ
କିଛି ସୁଖ ଦୁଃଖଭରା
କେବେତ ମିଳଇ ଜୀବନରେ ଛାଇ
କେବେ ମାଡିଆସେ ଖରା ।

ଖରାର ଡହକ ସହି ଚାଲିବାକୁ
ହୁଏ ଦୁନିଆର ବାଟେ
ଛାଇ ରହିଥାଏ ଖରା ଫେରୁଥାଏ
ଏଇ ଯେ ଜୀବନ ହାଟେ ।

ଖରା ଦାଉ ଧକା ସହି ଖୋଜୁଥାଏ
ଜୀବନ ଟିକିଏ ଛାଇ
ଛାଇଠୁ ଶୀତଳ ପରଶ ପାଇବା
ସୁଖ ଆଉ କିଛି ନାହିଁ ।

ଜୀବନ ନଈର ଏ ପାରିରେ ଖରା
ସେ ପାରିରେ ଥାଏ ଛାଇ
ଦୁଃଖୀ ମଣିଷଟି ଚାଲୁଥାଏ ବାଟ
ଖରାସହି ଗୀତଗାଇ ।

ମଣିଷର ସାଥୀ ସହଚର ଖରା
ଛାଇ ତାର ବନ୍ଧୁ ମିତ
ସଂଘର୍ଷକରି ତା ଜୀବନ ବଞ୍ଚାଏ
ସାଧି ଦୁନିଆର ହିତ ।

ହସାଇ କନ୍ଦାଇ ଫେରିବାକୁ ହୁଏ
ସରିଲେ ଜୀବନ ଖେଳ
ଅଭିନୟ ସବୁ କାହାଣୀ ପାଲଟେ
ବୁଡ଼ିଯାଏ ଯେବେ ବେଳ ।

+କୁଞ୍ଜର ସଙ୍ଗଳାଇ
ପିପିଲି ପୁରୀ
ମୋ: ୯୬୬୮୮୨୨୧୯୦

ନଗେନ୍ଦ୍ର ନାଥ ପଟ୍ଟନାୟକ

ରାମଲୀଳା

ରାତି ପାହିଲେ ଦଶହରା ପର୍ବ । ଗଟୁ , ଚିଂକି ଆଉ ତା ସାଙ୍ଗଦୋସ୍ତ୍ ଘର ଅଗଣାରେ ରାମଲୀଳା ପ୍ରଜୋକ୍ଟ ବା ପ୍ରକଳ୍ପ କରୁଥାଆଁ । ଶ୍ରୀରାମ ନିଷ୍ଠେ ମତେ ଉଦ୍ଧାର କରିବା ଲାଗି ଆଗେଇ ଆସିବେ -ଚିଙ୍କିର ମାତା ଜାନକୀ ଦେବୀଙ୍କ ସଂବାଦ ମନେ ପଡିଗଲା । ମୁଁ ବି ରାମ ଉପରେ ଜିତାପଟ୍ ହାସଲ କରିବି -ଦଶାନନ ରାବଣ ବେଶଭୂଷା ହୋଇ ମିକୁ ଅଭିନୟ ଅଭ୍ୟାସ କରିବା ବେଳେ ଛାତି ଫୁଲେଇ କହିଲା । ଅହଂକାର ଛାଡିଦେ ବାଳକ -ରାମଙ୍କ ବେଶରେ ସଜ୍ଜିତ ହୋଇ ଗଟୁ ବି ତା ଅଭିନୟର ଯାଦୁ ଦେଖାଇଲା । ବାକି ସାଙ୍ଗସାଥୀ ସବୁ ମଂଚ ତିଆରିରେ ଜୁଟି ଯାଇଥିଲେ। ଠିକ୍ ଏତିକିବେଳେ ଅଚାନକ କାହାର ପ୍ରତିଛାୟା ଦେଖାଗଲା । ସେମାନେ ବଡ ପାଟିରେ ଚିଲେଇଲେ । ସେଇ ଝଙ୍କାଳିଆ ଗଛ ପାଶେ କିଏ ଛପି ରହିଥାଏ । ଛାନିଆରେ ଭୂତ ଭୂତ ବୋଲି ଚିତ୍କାର କରିବାକୁ ଲାଗିଲେ । ଗଟୁକୁ କିଁ ଘଟଣାଟା ଅନ୍ୟ ରକମର ମନେହେଲା । ସେ ପ୍ରତିଛାୟାର ପିଛା କରିବାକୁ ଲାଗିଲା । ଯେମିତି ଚୋର ପୋଲିସ ଖେଳ ଆରମ୍ଭ ହୋଇଗଲା । ଠିକ୍ ସେତିକି ବେଳେ ଅଚାନକ ତାର ନିଜର ଲାଖିଗଲା ଜଣେ ଦଶ ବରଷର ପିଲାଟି ଉପରେ । ସେ ରାମସୀତାଙ୍କ ବେଶଭୂଷା ଯଥା ଲୁଗାପଟା ଓ ଅଳଙ୍କାର ସବୁ ଚୋରି କରୁଥିଲା । ଗଟୁ ଝଟ୍‌କିନା ତା ଉପରକୁ ଅଖାବସ୍ତାଟି ପକାଇଦେଲା । ସେ ବାଳକଟି ବିକଳରେ ଛାଟିପିଟି ହେଲା । ସମସ୍ତେ ମିଳିମିଶି ତାକୁ ଦଉଡାରେ ଚଉକଶ କରି ବାନ୍ଧି ପକାଇଲେ । ସାଙ୍ଗସାଥୀମାନେ ଏକସ୍ୱରରେ କୁହାଟ ଛାଡିଲେ -ଚୋର ଧରା ପଡିଗଲା । ଚୋର କରି ତତେ ଟିକେ ଲାଜ ସରମ ଲାଗୁନି । ଏଇୟା କହି ସେ ଆଖି ପିଛୁଳାକେ ଚିଙ୍କି ମା ପାଖକୁ ଧାଇଁଯାଇ ଡାକ ପକେଇଲା -ମାଆ ମାଆ । ମାଆ ଧଇଁସଇଁ ହୋଇ ଛୁଟି ଆସିଲେ । ଛାଡ ତାକୁ ଦଉଡି ତୁର' ଫିଟେଇ ଦିଅ । ଗଟୁ ,ଚିଙ୍କି ଆଉ ତାଙ୍କ ସାଙ୍ଗ ତାଟକା ହୋଇଗଲେ। ମାଆ, ଇଏତ ଚୋରଟିଏ, ଏହାକୁ ଦଣ୍ଡ ମିଳିବା ନିହାତି ଉଚିତ୍। ତୁମ ତାକୁ ଛାଡିବାକୁ କହ

ଚାହାଣିର ୨୩ତମ ପୂଜା ସଂଖ୍ୟା ଉନ୍ମୋଚିତ: କବିତା ପାଠ ଓ ପୁରସ୍କାର ପ୍ରଦାନ ଉତ୍ସବ

କୋରେଇ, ୨୭/୧୦ (ନି.ପ୍ର): ଯାଜପୁର ଜିଲ୍ଲାରୁ ପ୍ରକାଶ ପାଉଥିବା ଚାହାଣି ପତ୍ରିକାର ୨୦୨୩ର ପୂଜାସଂଖ୍ୟା ଉନ୍ମୋଚିତ ହୋଇଯାଇଛି । କୋରାଇ ବ୍ଲକ ଅନ୍ତର୍ଗତ ମୂଳାପାଳସ୍ଥିତ ଲିଙ୍ଗେଶ୍ୱର ବିହାର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉଦ୍ଘାଟକ ଭାବେ ଡକ୍ଟର ରାଜକିଶୋର ପାଢୀ ଯୋଗଦେଇ ଆନୁଷ୍ଠାନିକ ଭାବେ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦ୍‌ଘାଟନ କରିଥିଲେ । ଉଦ୍ଘାଟନ କରିବା ପରେ ଅତିଥି ମାନଙ୍କ ଦ୍ୱାରା ଚାହାଣି ପତ୍ରିକା ଉନ୍ମୋଚନ କରାଯାଇଥିଲା । ମଂଚର ସଭାପତି ଶିକ୍ଷାବିତ ଅନନ୍ତ ଚରଣ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଡକ୍ଟର ଗୌତମ ଜେନା, ମୁଖ୍ୟ ବକ୍ତାଭାବେ ପ୍ରଧ୍ୟାପକ ମନୋରଂଜନ ମହାନ୍ତି, ସମ୍ମାନୀତ ଅତିଥିଭାବେ ପ୍ରଧ୍ୟାପକ ପ୍ରଧ୍ୟାପକ ଶିବ ଚରଣ ମାଝି, ଲିଙ୍ଗେଶ୍ୱର ଉନ୍ନୟନ କମିଟିର ସଭାପତି ଦୈତାରୀ ଧଳ, ସମ୍ମାନୀତ ବକ୍ତାଭାବେ ଗୀତିକାର ବୃନ୍ଦାବନ ସାହୁ ପ୍ରମୁଖ ଯୋଗଦେଇଥିଲେ । ଉପସଭାପତି ପଣ୍ଡିତ ବ୍ରଜ କିଶୋର ଦାଶ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଚାହାଣିର ସମ୍ପାଦକ ଅଧ୍ୟାପକ ଡକ୍ଟର ଚନ୍ଦ୍ରକାନ୍ତ ମହାନ୍ତି ବିବରଣୀ ପ୍ରଦାନ କରିଥିଲେ । ଅଧ୍ୟାପକ ରମାକାନ୍ତ ବରାଳ ଓ ଅଧ୍ୟାପିକା ସାଗରିକା ରଥ ମାନପତ୍ର ପଠନ କରିଥିଲେ । ଏହି ଅବସରରେ ଚାହାଣୀ ପୁରସ୍କାର ବିଶିଷ୍ଟ ଲେଖିକା ଶ୍ରୀମତୀ ବିଦ୍ୟୁତ୍‌ଲତା ଦାସ, ବ୍ରଜବନ୍ଧୁ ମହାନ୍ତି ସ୍ମୃତି ପୁରସ୍କାର ସୂର୍ଯ୍ୟାସ୍ତର ସମ୍ପାଦକ ଶ୍ରୀଯୁକ୍ତ ବିବେକାନନ୍ଦ ରାୟଙ୍କୁ ଅତିଥି ମାନଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା । ପ୍ରଥମ ଅଧିବେଶନରେ ଅଧ୍ୟାପକ ଦାମୋଦର ବେହେରାଙ୍କ ସଭାପତିତ୍ୱରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା । ମୁଖ୍ୟ ଅତିଥିଭାବେ ବିଶିଷ୍ଟ ଲେଖକ ମାୟାଧର ନାୟକ, ମୁଖ୍ୟବକ୍ତାଭାବେ ଗୋକର୍ଣ୍ଣିକା ସମ୍ପାଦକ ରମାକାନ୍ତ ଜେନା, ସମ୍ମାନୀତ ଅତିଥିଭାବେ ବିଶିଷ୍ଟ କବି ପ୍ରଶାନ୍ତ କୁମାର ସ୍ୱାଇଁ, ବିଶିଷ୍ଟ ପ୍ରବାନ୍ଧିକ ଡକ୍ଟର ମୋହନ ଚରଣ ଖୁଂଟିଆ, ସମାଜସେବୀ ତଥା ଲିଙ୍ଗେଶ୍ୱର ଉନ୍ନୟନ କମିଟିର ସମ୍ପାଦକ ପ୍ରଦୀପ କୁମାର ଧଳ ଯୋଗଦେଇଥିଲେ । ଗୀତିକାର ବୃନ୍ଦାବନ ସାହୁ କବିତା ପାଠୋତ୍ସବର ସଂଯୋଜନା ସହ ଧନ୍ୟବାଦ ଅର୍ପଣ କରିଥିଲେ । ଡକ୍ଟର ପଣ୍ଡିତ ସୂର୍ଯ୍ୟମଣି ଖୁଂଟିଆ, ଦୟାନିଧି ନାୟକ, ଅକ୍ଷୟ ବାରିକ, ଜିତେନ୍ଦ୍ର ବେହେରା, ପ୍ରଦୀପ କୁମାର ଦାସ, ମାନସ ସାହୁ, ମଦନମୋହନ ସାହୁଙ୍କ ସମେତ ଶତାଧିକ କବି ଓ କବିୟତ୍ରୀ ଯୋଗଦେଇ କବିତା ପାଠ କରିଥିବା ବେଳେ ଲିଙ୍ଗେଶ୍ୱର ଉନ୍ନୟନ କମିଟି ପ୍ରମୋଦ କୁମାର ସାହୁ, ଶରତ ଚନ୍ଦ୍ର ଧଳ, ବାସୁଦେବ ପରିଡା ଓ ସମସ୍ତ କର୍ମକର୍ତା ଓ ସଦସ୍ୟ ମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

"ଶିଶୁ ପାଇଁ ଦିନଟିଏ"ର ତ୍ରୈମାସିକ ସମୀକ୍ଷା ବୈଠକ ଅନୁଷ୍ଠିତ

କେନ୍ଦ୍ରାପଡା, ୨୭/୧୦ (ନି.ପ୍ର): ଶିଶୁ ହସିଲେ ଦେଶ ହସିବ । ତେଣୁ ଶିଶୁମାନଙ୍କ ସୁରକ୍ଷା ଓ ବିକାଶ ପାଇଁ ଏକ ତ୍ରୈମାସିକ ସମୀକ୍ଷା ବୈଠକ ପ୍ରଦକ୍ଷଣ ଭବନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । "ଶିଶୁ ପାଇଁ ଦିନଟିଏ"ର ଏହି ସମୀକ୍ଷା ବୈଠକରେ ଅଧ୍ୟକ୍ଷତା କରି ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଶ୍ରୀ ପୀତାମ୍ବର ସାମଲ ସମସ୍ତ ବିଭାଗର ସମନ୍ୱୟ ଓ ସହଭାଗିତା ଉପରେ ଗୁରୁତ୍ୱାରୋପ କରିଥିଲେ । ଶିଶୁମିତ୍ର ଗ୍ରାମ ପଂଚାୟତ ଗଠନ ତଥା ବାଲ୍ୟ ବିବାହମୁକ୍ତ ଗାଁ ଗଠନ ଦିଗରେ ନିଷ୍ଠାପର ଉଦ୍ୟମ କରିବା ପାଇଁ ସେ ପରାମର୍ଶ ଦେଇଥିଲେ । କୋଭିଡ୍ ସମୟରେ ଚିହ୍ନଟ ହୋଇଥିବା ସମସ୍ତ ଯତ୍ନ ଏବଂ ସୁରକ୍ଷା ଲୋଡୁଥିବା ଶିଶୁମାନଙ୍କର ଉପଯୁକ୍ତ ବିକାଶ ଦିଗରେ କାର୍ଯ୍ୟକରିବା ପାଇଁ ତଥା ସେମାନଙ୍କୁ ବୈଷୟିକ ଏବଂ ଧନ୍ଦାମୂଳକ ଶିକ୍ଷାରେ ସାମିଲ କରିବା ପାଇଁ ଜିଲ୍ଲା ଦକ୍ଷତା ବିକାଶ ଓ ନିୟୋଜନ ଅଧିକାରୀ ଏବଂ ଶିଶୁ ସୁରକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଶିଶୁ ଶ୍ରମିକ ଆଇନ ଉଲଂଘନ କରୁଥିବା ବ୍ୟକ୍ତି ବିଶେଷଙ୍କ ବିରୁଦ୍ଧରେ ଦୃଷ୍ଟାନ୍ତମୂଳକ ପଦକ୍ଷେପ ଗ୍ରହଣ କରିବାକୁ ଜିଲ୍ଲା ଶ୍ରମ ଅଧିକାରୀଙ୍କୁ ପରାମର୍ଶ ଦିଆଯାଇଛି । 'ବେଟି ବଚାଓ ବେଟି ପଢ଼ାଓ' ଟାସ୍କ ଫୋର୍ସ ଅଧିନରେ ଆସନ୍ତା ନଭେମ୍ବର ମାସରେ ମିସନ ମୋଡ୍ରେ ବିଭିନ୍ନ ବ୍ଲକ୍ କାର୍ଯ୍ୟାଳୟ, ହାଇ ସ୍କୁଲ୍ ଏବଂ କଲେଜ୍ ପରିସରରେ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ହାତକୁ ନେବାକୁ ବୈଠକରେ ସ୍ଥିର କରାଯାଇଛି । ଏନ୍‌ଏଫ୍‌ଏଚ୍‌ଏସ୍-୫ ରିପୋର୍ଟ ଅନୁସାରେ ଜିଲ୍ଲାରେ ପୁଅ-ଝିଅ ଅନୁପାତ ତୁଳନାତ୍ମକଭାବେ ହ୍ରାସ ପାଉଥିବାରୁ ଗ୍ରାମାଂଚଳରେ ଅଧିକ ସଚେତନତା ସୃଷ୍ଟି ପାଇଁ ଆଲୋଚନା ହୋଇଥିଲା । କେବଳ ସମୀକ୍ଷା ବୈଠକ ମଧ୍ୟରେ ସୀମିତ ନରହି ତୃଣମୂଳ ସ୍ତରରେ ଏହାର ସଫଳ ରୂପାୟନ ପାଇଁ ଉଦ୍ୟମ ହେଲେ ସମସ୍ତ ଯୋଜନାର ଉଦ୍ଦେଶ୍ୟ ଫଳପ୍ରଦ ହୋଇପାରିବ ବୋଲି ବୈଠକରେ ଆଲୋଚନା ହୋଇଥିଲା । 'ବିଜୁ କନ୍ୟା ରତ୍ନ ଯୋଜନା'ରେ କେନ୍ଦ୍ରାପଡ଼ା ଜିଲ୍ଲା ସାମିଲ ହୋଇଥିବା ବେଳେ ଜିଲ୍ଲାରେ ଶିଶୁକନ୍ୟାମାନଙ୍କ ସୁରକ୍ଷା ଓ ବିକାଶ ଦିଗରେ ବିଶେଷ ପଦକ୍ଷେପ ଗ୍ରହଣ ପାଇଁ ନିଷ୍ପତି ହୋଇଛି । ବିଭିନ୍ନ ସମୟରେ ପ୍ରେମଜନିତ ନାବାଳକ/ନାବାଳିକାଙ୍କ ସଂପୃକ୍ତିରେ ପିତାମାତାଙ୍କ ଭୂମିକା ଉପରେ ବିଶେଷ ଆଲୋଚନା କରାଯାଇଥିଲା । ଏ ଦିଗରେ ଥାନାରେ ହେଉଥିବା ଅଭିଯୋଗ ଆଧାରରେ ଶିଶୁମଙ୍ଗଳ କମିଟି ଓ କିଶୋର ନ୍ୟାୟ ବୋର୍ଡ଼ର ସହଯୋଗ କାମନା ତଥା ସମସ୍ତ ନାଗରିକଙ୍କ ସହଯୋଗ କାମନା କହିଥିଲେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଦେବାଶିଷ ଧଳ ।

ଏହି ବୈଠକରେ ଡେରାବିଶ ବ୍ଲକ୍ର ଚେୟାରମ୍ୟାନ୍ ପ୍ରଭାତୀ ମଲ୍ଲିକ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସତ୍ୟଭାମା ସେଠୀ, ଜିଲ୍ଲା ଦକ୍ଷତା ବିକାଶ ଓ ନିୟୋଜନ ଅଧିକାରୀ ଘନଶ୍ୟାମ ସା, ଜିଲ୍ଲା ଶ୍ରମ ଅଧିକାରୀ ଅଶୋକ କୁମାର ମୁର୍ମୁ, ଜିଲ୍ଲା ଶିକ୍ଷାଧିକାରୀ ଶୁଭଲକ୍ଷ୍ମୀ ନାୟକ, ଜିଲ୍ଲା ମଙ୍ଗଳ ଅଧିକାରୀ ଗୁରୁଚରଣ ମଲ୍ଲିକ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ବିଜୟ କେତନ ସାହୁ, ଶିଶୁ ମଙ୍ଗଳ କମିଟିର ଅଧକ୍ଷା ସ୍ୱାଗତିକା ପାତ୍ର, ଜେକେ ବୋର୍ଡ଼ର ଅଧକ୍ଷ, ସମସ୍ତ ବ୍ଲକ୍ର ସିଡିପିଓ, ବିଭିନ୍ନ ଏଜିଓର କର୍ମକର୍ତା, ଶିଶୁ ପାଇଁ ଦିନଟିଏ କମିଟିର ସଦସ୍ୟମାନେ ଉପସ୍ଥିତ ଥିଲେ । ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ଜିଲ୍ଲା ସଂଯୋଜିକା (କୈଶୋର ସଶକ୍ତିକରଣ) ସୁଶ୍ରୀ ଅମିତା ସିଂହ ।

ଲୋକପ୍ରିୟ ଶିକ୍ଷକ ପୀତାମ୍ବର ମିଶ୍ରଙ୍କ ସ୍ମୃତିସଭା

କେନ୍ଦ୍ରାପଡ଼ା, ୨୭/୧୦ (ନି.ପ୍ର): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ବାଲିଆ ବଣହରା ଅଂଚଳର ଲୋକପ୍ରିୟ ଧର୍ମ ପରାୟଣବ୍ୟକ୍ତି ତଥା ଅବସରପ୍ରାପ୍ତ ଶିକ୍ଷକ ସ୍ୱର୍ଗତ ପିତାମ୍ବର ମିଶ୍ରଙ୍କ ଦ୍ୱାଦଶାହ ଅବସରରେ ଏକ ସ୍ମୃତିଚାରଣ ସଭା ତାଙ୍କ ବାସଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏହି ଉପଲକ୍ଷେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଦେବକୀନନ୍ଦନ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସ୍ମୃତିସଭାରେ ସ୍ୱର୍ଗତ ମିଶ୍ରଙ୍କ ଶୁଭେଚ୍ଛୁ କାର୍ତିକ ଚରଣ ନାୟକ, ମଦନମୋହନ ବେହେରା, ଦାମୋଦର ତ୍ରିପାଠୀ, ରମେଶ ଚନ୍ଦ୍ର ପତି, ଉମେଶ ଚନ୍ଦ୍ର ପତି, ପୂର୍ଣ୍ଣଚନ୍ଦ୍ର ପତି, ଅଧ୍ୟାପକ ବାଦଲ କୁମାର ରଥ, ଜ୍ୱାଇଁ ବିଜୟ କୁମାର ତ୍ରିପାଠୀ, ଡା. ବନ ବିହାରୀ ଶତପଥୀ, ବିପିନବିହାରୀ ଶତପଥୀ, ରାଜକିଶୋର ଲେଙ୍କା, ପୁତ୍ରବଧୂ ଶର୍ମୀଳା ପତି, ସୋନମ ଶତପଥୀ, ପ୍ରିୟଦର୍ଶିନୀ ପଣ୍ଡା, କନ୍ୟା ମଧୁସ୍ମିତା ମିଶ୍ର ଓ ରଶ୍ମିରଞ୍ଜିତା ମିଶ୍ର ପ୍ରମୁଖ ଯୋଗଦେଇ ସ୍ମୃତିଚାରଣ କରିଥିଲେ । ଏହି ସ୍ମୃତିସଭାକୁ କନିଷ୍ଠ ପୁତ୍ର ଦିଲ୍ଲିପ କୁମାର ମିଶ୍ର, ମଧ୍ୟମପୁତ୍ର ଲଳିତମୋହନ ମିଶ୍ର, ସୁନିଲ କୁମାର ମିଶ୍ର, ପ୍ରଧାନ ଶିକ୍ଷକ ଚି ରଞ୍ଜନ କବି, ସତ୍ୟରଞ୍ଜନ ରାଉତ, ମହିମା ପ୍ରକାଶ ଭୂୟାଁ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ ।

ଅବ୍ୟବସ୍ଥା ମଧ୍ୟରେ ଚମ୍ପୁଆ ଉପ ଡାକଘର: ବାରମ୍ବାର ଲିଙ୍କ ଫେଲ୍ ଯୋଗୁଁ ଉପଭୋକ୍ତା ହନ୍ତସନ୍ତ

ଚମ୍ପୁଆ, ୨୭/୧୦ (ନି.ପ୍ର): ବ୍ୟାପକ ଅବ୍ୟବସ୍ଥା ମଧ୍ୟରେ ଚାଲିଛି ଚମ୍ପୁଆ ଉପ ଡାକଘର । ଏଠାରେ ଉଚ୍ଚ କ୍ଷମତା ସମ୍ପର୍ଣ୍ଣ ଆଂଟିନା ନ ଥିବାରୁ ଅଧିକାଂଶ ସମୟରେ ସରବର ରହୁନଥିବାରୁ କାର୍ଯ୍ୟାଳୟ କାମ ହୋଇ ପାରୁନଥିବା ଯୋଗୁଁ ଉପଭୋକ୍ତା ହନ୍ତସନ୍ତ ହେବା ଏକ ନିତିଦିନିଆ ଘଟଣାରେ ପରିଣତ ହୋଇସାରିଛି । ପ୍ରାୟ ୧୩ - ୧୪ ବର୍ଷ ହେବ ଏଠାରେ କାର୍ଯ୍ୟରେ ଲାଗିଥିବା କମ୍ପୁଟରଗୁଡିକ ପୁରୁଣା ହୋଇଯିବା ଫଳରେ ଅନେକ ସମୟରେ ତାହା କାମ ଦେଉନଥିବାରୁ ଲୋକ ମାନେ ଲାମ୍ବା ଧାଡିରେ ଘଂଟା ଘଂଟା ଛିଡାହୋଇ ଅପେକ୍ଷା କରି ରହୁଥିବା ଦେଖାଯାଉଛି । ଏହି ଡାକ ଘର ଉପରେ ଚମ୍ପୁଆ ସମେତ ଝାରଖଣ୍ଡର ଓ ମୟୁରଭଞ୍ଜର ବହୁ ବ୍ଲକ ନିର୍ଭର କରି ଥାଆନ୍ତି । ଆବଶ୍ୟକୀୟ କର୍ମଚାରୀ ଅଭାବ ସହିତ ଏଠାରେ ଗୋଟିଏ ଏସବି କାଉଂଟର ଥିବାରୁ ଟଙ୍କା ଜମା ରଖିବା ଓ ବାହାର କରିବା ପାଇଁ ବହୁ ସମୟ ଧରି ଅପେକ୍ଷା କରିବାକୁ ପଡୁଛି । ଅନ୍ୟ ଏକ କାଉଂଟରରେ ବହୁମୁଖୀ କାମ ହେଉ ଥିବାରୁ ସେଠାରେ ମଧ୍ୟ ଭିଡ଼ ଲାଗି ରହୁଛି । ଏହା ବ୍ୟତୀତ ଦୀର୍ଘ ବର୍ଷ ଚମ୍ପୁଆ ଉପ ଡାକ ଘର ଅଧୀନରେ ଚିଠି ବାଂଟିବା ପାଇଁ ୩ ଜଣ ପୋଷ୍ଟ ମ୍ୟାନ ଥିବାବେଳେ ବର୍ତମାନ ଜଣେ ପୋଷ୍ଟମ୍ୟାନରେ କାମ ଚାଲୁଛି । ଚମ୍ପୁଆ ଏନଏସି ହେବାପରେ ଜନସଂଖ୍ୟା ବୃଦ୍ଧି ଯୋଗୁଁ ଜଣେ ପୋଷ୍ଟ ମ୍ୟାନ ଚିଠି ବାଂଟିବାରେ ବିଳମ୍ବ ହେବା ସହିତ ଉପଭୋକ୍ତା ସେବା ପାଇବାରୁ ବଂଚିତ ହେଉଛନ୍ତି କ୍ଷଗତ କିଛି ସପ୍ତାହରୁ ଲିଙ୍କ୍ ଫେଲ ସମସ୍ୟା ଯୋଗୁଁ ଡାକଘର ସେବା ବ୍ୟାହତ ହେଉଥିବା ବେଳେ ବିଭାଗ ତରଫରୁ ଏଥିପ୍ରତି ଦୃଷ୍ଟି ଦିଆଯାଉ ନାହିଁ । ଲିଙ୍କ୍ ଫେଲ ଆଳ ଦେଖାଇ ବହୁ ସମୟରେ ବହୁ କର୍ମଚାରୀ କାର୍ଯ୍ୟାଳୟ ଆସୁନଥିବା ବେଳେ ଲୋକଙ୍କୁ ଲିଙ୍କ୍ ଫେଲ ସଫେଇ ଦେଇ ବିଭାଗ ହାତବାନ୍ଧି ବସିଛି । ସେବା ନପାଇ ଦୈନିକ ଉପଭୋକ୍ତା ହଟହଟା ହେବା ଦେଖିବାକୁ ମିଳିଛି । ଏହାକୁ ନେଇ ଏଠାକାର ପୋଷ୍ଟ ଅଫିସ ରତ୍ନାକର ନାଏକ ଙ୍କୁ ଯୋଗାଯୋଗ କରିବାରୁ ଏ ନେଇ ଆମ୍ଭେ ଜିଲ୍ଲା ମୂଖ୍ୟାଳୟଙ୍କୁ ଅବଗତ କରିସାରିଛି ପୁରୁଣା କମ୍ପ୍ୟୁଟର ପୁରୁଣା ମେସିନ ପାଇଁ ଏପରି ସମସ୍ୟା ହେଉଛି । ତେବେ ଶୀଘ୍ର ସମସ୍ୟା ର ସମାଧାନ ହେବ ବୋଲି ସଫେଇ ଦେଇଛନ୍ତି ।ଚମ୍ପୁଆ ଏକ ସୀମାନ୍ତ ଅଂଚଳ ହୋଇଥିବାରୁ ଏହି ଉପ ଡାକଘରେ ଆଉ ଗୋଟିଏ ଏସବି କାଉଂଟର, ୨ ଜଣ ପୋଷ୍ଟମ୍ୟାନ ସହିତ ହାଇ ପାୱାର ଆଂଟିନା ଯୋଗାଇ ଦେବାକୁ ଜନ ସାଧାରଣଙ୍କ ପକ୍ଷରୁ ଦାବି ହେଉଛି ।

ଓସ୍ତପୁର ସମବାୟ ସମିତିର ପ୍ରାକ୍ତନ ସମ୍ପାଦକଙ୍କ ଦ୍ୱାଦଶାହରେ ଶ୍ରଦ୍ଧାଞ୍ଜଳି ସଭା

କେନ୍ଦ୍ରାପଡ଼ା, ୨୭/୧୦ (ନି.ପ୍ର): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଓସ୍ତପୁର ପ୍ରାଥମିକ କୃଷି ସେବା ସମବାୟ ସମିତିର ପ୍ରାକ୍ତନ ସମ୍ପାଦକ ସ୍ୱର୍ଗତ ଗୋବିନ୍ଦ ଚନ୍ଦ୍ର ନାୟକଙ୍କ ଦ୍ୱାଦଶାହ ଅବସରରେ ତାଙ୍କ ଓସ୍ତପୁର ସ୍ଥିତ ବାସଭବନରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି । ଏହି ସଭାରେ ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା, ସମିତିର ପ୍ରାକ୍ତନ ସଭାପତି ଫକୀର ଚରଣ ଖଟୁଆ, କଂସାର ପଂଚାୟତର ସରପଂଚ ସରୋଜିନୀ ନାୟକ, ସମିତି ସଭ୍ୟ ସରୋଜରଞ୍ଜନ ଜେନା, ସମାଜସେବୀ ନିରଞ୍ଜନ ପରିଡା, ପୁତ୍ର ଶ୍ରୀଧର ନାୟକ, ଚକ୍ରଧର ନାୟକ, ବିଜୟ କୁମାର ନାୟକ, ମନୋଜ ନାୟକ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ନାୟକଙ୍କ ସ୍ମୃତିଚାରଣ କରିବା ସହିତ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ ।

ଐତିହାସିକ ପାରମ୍ପରିକ ଦଶହରା ବଦଳ ଯାତ୍ରା ଶେଷ

ଅଶ୍ରୁଳ ନୟନରେ ମା' ଦୁର୍ଗାଙ୍କୁ ବିବାହ ଦେଲେ ଭୁବନବାସୀ

ଭୁବନ, ୨୭/୧୦ (ନି.ପ୍ର): ଢେଙ୍କାନାଳ ଜିଲ୍ଲା ଭୁବନରେ ଐତିହାସିକ ପାରମ୍ପରିକ ତଥା ପ୍ରସିଦ୍ଧ ଦଶହରା ବଳଦ ଯାତ୍ରା ଶାନ୍ତି ଶୃଙ୍ଖଳା ସହ ଶେଷ ହୋଇଥିବାବେଳେ ମା ଦୁର୍ଗାଙ୍କୁ ଅଶ୍ରୁଳ ନୟନରେ ବିଦାୟ ଦେଇ ପୁଣି ଆସନ୍ତା ବର୍ଷକୁ ଅପେକ୍ଷା ବର୍ଷକୁ ଅପେକ୍ଷା କରିଛନ୍ତି ଭୁବନବାସୀ । ବିଜୟା ଦଶମୀ ସନ୍ଧ୍ୟାରେ ଜଗନ୍ନାଥ ମନ୍ଦିରରୁ ଆରମ୍ଭ ହେଇଥିଲା ଐତିହାସିକ ତଥା ପାରମ୍ପରିକ ବଦଳ ଯାତ୍ରା । ତହସିଲଦାର ଅଂଶୁମାନ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ବଳଦ ଯାତ୍ରା ଶୁଭାରମ୍ଭ କରିଥିଲେ । ସମ୍ମାନିତ ଅତିଥି ଭାବେ ନଗରପାଳ ଶୁଭେନ୍ଦୁ କୁମାର ସାହୁ, ବଳଦ ଯାତ୍ରା ମୁଖ୍ୟ ପରିଚାଳକ ଦିଲ୍ଲୀପ କୁମାର ଦାସ,ଥାନାଧିକାରୀ ଅମ୍ବିକା ପ୍ରସାଦ ପଟ୍ଟନାୟକ ଯୋଗଦେଇଥିଲେ । ଅତିଥିଙ୍କ ସହ ଶାନ୍ତି କମିଟିର ସମସ୍ତ ସଭ୍ୟଙ୍କୁ ଉତରୀୟ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । ବଳଦ ଯାତ୍ରାର ସ୍ରଷ୍ଟା ଥୋରିଆ ସମାଜ ତରଫରୁ ରୀତିନୀତି ଅନୁଯାୟୀ ବଳଦ ଯାତ୍ରା ଅନୁକୂଳ କରିଥିଲା । ସମୁଦାୟ ୩୦ଟି ବଳଦ ଓ ଦୁଇଟି ଷଣ୍ଢ ଗୁଜୁରୀ ହାଟରୁ ଯାତ୍ରା ଆରମ୍ଭ କରି ସହର ପରିକ୍ରମା କରିଥିଲେ । ଏକାଦଶୀ ସନ୍ଧ୍ୟାରେ ପାଲା ମଣ୍ଡପ ଠାରେ ଚିତାକର୍ଷକ ରାବଣ ପୋଡ଼ି ଓ ଆତସବାଜି ମହୋତ୍ସବ ଅନୁଷ୍ଠିତ ହୋଇଥିଲା । ସାଂସଦ ମହେଶ ସାହୁ ଉଦଘାଟକ ଏବଂ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ୨୦ ହଜାର ଦର୍ଶକଙ୍କ ଉପସ୍ଥିତିରେ ୩୦ ଫୁଟ ଉଚ୍ଚ ରାବଣ ପ୍ରତିକୃତିରେ ଅଗ୍ନି ସଂଯୋଗ କରିଥିଲେ । ସମ୍ମାନିତ ଅତିଥି ଭାବେ ନଗରପାଳ ଶୁଭେନ୍ଦୁ କୁମାର ସାହୁ, ପୂର୍ବତନ ଏନ୍‌ଏସି ଅଧକ୍ଷା ଶ୍ରୀମତୀ କବିତା ବାରିକ ,ଜିଲ୍ଲା ମହିଳା ବିଜେଡି ସଭାନେତ୍ରୀ ସାଗରିକା ମିଶ୍ର,ଏନ୍‌ଏସି ବିଜେଡି ସଭାପତି ନରେନ୍ଦ୍ର କୁମାର ସାହୁ ଯୋଗଦେଇଥିଲ ।ରାତ୍ର ୮ ଘଟିକା ସମୟରେ ଆରମ୍ଭ ହୋଇଥିଲା ପ୍ରସିଦ୍ଧ ଦଶହରା ବଳଦ ଯାତ୍ରାର ଅନ୍ତିମ ପର୍ବ ତଥା ମା ଦୁର୍ଗାଙ୍କ ଭସାଣି ଶୋଭାଯାତ୍ରା । ଏଥିରେ ସମୁଦାୟ ୩୦ଟି ବଳଦ,୨ଟି ଷଣ୍ଢ,୧୧ଟି ଦୁର୍ଗା ମେଢ଼ ଓ ୨ଟି ହର ପାର୍ବତୀ ମେଢ଼ ସାମିଲ ହୋଇଥିଲେ । ପାରମ୍ପରିକ ବାଦ୍ୟ, ଲୋକନୃତ୍ୟ ସାଙ୍ଗକୁ ମୁଜିକ୍ ଗ୍ରୁପ୍, ଡି ଜେ ସାଉଣ୍ଡ ର ତଳେ ତାଳେ ଯୁବ ଗୋଷ୍ଠୀ ନୃତ୍ୟ କରିଥିଲେ । ମଧ୍ୟାହ୍ନ ୧୨ ଟା ସୁଦ୍ଧା ସମସ୍ତ ମେଢ଼ ନୂଆ ବଜାର(ବସଷ୍ଟାଣ୍ଡ) ଠାରେ ପହଂଚିବା ପରେ ଆରମ୍ଭ ହୋଇଥିଲା ମେଲଣ । ହରିବୋଲ ,ହୁଳହୁଳି, ଘଂଟ ଘଂଟା ଧ୍ୱନିରେ ସମଗ୍ର ପରିବେଶ ପ୍ରକମ୍ପିତ ହୋଇପଡ଼ିଥିଲା ।ହଜାର ହଜାର ଦର୍ଶକ ମା ଦୁର୍ଗା ଙ୍କୁ ଭକ୍ତି ଭାବ ସହ ଅଶ୍ରୁଳ ନୟନରେ ବିଦାୟ ଜଣାଇ ଅପେକ୍ଷା କରିଥିଲେ ଆସନ୍ତା ବର୍ଷକୁ । ବଳଦ ଯାତ୍ରା ମୁଖ୍ୟ ପରିଚାଳକ ଦିଲ୍ଲୀପ କୁମାର ଦାସ, ନଗରପାଳ ଶୁଭେନ୍ଦୁ କୁମାର ସାହୁ, ଶାନ୍ତି କମିଟି ର ସମସ୍ତ ସଦସ୍ୟ ବଳଦ ଯାତ୍ରାକୁ ଶୃଙ୍ଖଳିତ କରିଥିବାବେଳେ କାମାକ୍ଷାନଗର ଉପ ଜିଲ୍ଲାପାଳ ନାରାୟଣ ଚନ୍ଦ୍ର ନାୟକ,ଆଡ଼ିସନାଲ ଏସପି, କାମାକ୍ଷାନଗର ଏଡିପିଓ ପ୍ରଭାତ ତ୍ରିପାଠୀଙ୍କ ତତ୍ୱାବଧାନରେ ଭୁବନ ଥାନା ଆଇଆଇସି ଅମ୍ବିକା ପ୍ରସାଦ ପଟ୍ଟନାୟକ,୫୦ରୁ ଉର୍ଦ୍ଧ୍ୱ ପୋଲିସ ଅଫିସର, ୫ ପ୍ଲାଟୁନ ପୋଲିସ୍ ଫୋର୍ସ ନିୟୋଜିତ ହୋଇ ଶାନ୍ତି ଶୃଙ୍ଖଳା ରକ୍ଷା କରିଥିଲେ ।

ବିଜୁ ଜନତା ଦଳର ପ୍ରସ୍ତୁତି ବୈଠକ

ମାଲକାନଗିରି, ୨୭/୧୦ (ନି.ପ୍ର): ଆମ ଓଡ଼ିଶା ନବୀନ ଓଡିଶା ଯୋଜନା ରେ ଲୋକଙ୍କ ସୁବିଧାକୁ ଦିଆଯାଉଛି ପ୍ରାଥମିକତା । ପ୍ରତି ପଂଚାୟତରେ ହେବ ଲୋକାଭିମୁଖୀ ପ୍ରକଳ୍ପ । ପଂଚାୟତଗୁଡ଼ିକରେ ବିକାଶମୂଳକ କାର୍ଯ୍ୟ ଲାଗି ଆମ ଓଡ଼ିଶା ନବୀନ ଓଡ଼ିଶା ଯୋଜନାରେ ହୋଇଛି ୫୦ ଲକ୍ଷର ବ୍ୟବସ୍ଥା । ଆସନ୍ତା ମାସ ୪ ତାରିଖରେ ମାଲକାନଗିରି ଜିଲ୍ଲାର ୭ଟି ବ୍ଲକ ସ୍ତରରେ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ

ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ- ୨୦୨୪ ନେଇ ସର୍ବଦଳୀୟ ବୈଠକ

ଭଦ୍ରକ , ୨୭/୧୦ (ନି.ପ୍ର): ଆସନ୍ତା ୨୦୨୪ ଜାନୁୟାରୀ ୫ ତାରିଖରେ ପ୍ରକାଶିତ ହେବାକୁ ଥିବା ନୂତନ ଏବଂ ତ୍ରୁଟିଶୂନ୍ୟ ଚୂଡ଼ାନ୍ତ ଭୋଟର ତାଲିକା ପ୍ରସ୍ତୁତି ନେଇ କାର୍ଯ୍ୟସୂଚୀ ଓ ପ୍ରକ୍ରିୟା ସମ୍ବନ୍ଧରେ ସଚେତନତା ଉଦ୍ଦେଶ୍ୟରେ ବିଭିନ୍ନ ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳର କର୍ମକର୍ତ୍ତା, ପ୍ରତିନିଧି, ଗଣମାଧ୍ୟମ ପ୍ରତିନିଧି ଏବଂ ସଂପୃକ୍ତ ପ୍ରଶାସନିକ ଅଧିକାରୀ କର୍ମଚାରୀ ମାନଙ୍କୁ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଭଦ୍ରକ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ଅଧ୍ୟକ୍ଷତାରେ ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ ଏହି ବୈଠକରେ ଦୁଇ ଅତିରିକ୍ତ ଜିଲ୍ଲାପାଳ ରାମଦାସ ଟୁଡୁ ଏବଂ ଶାନ୍ତନୁ କୁମାର ମହାନ୍ତି, ଉପଜିଲ୍ଲାପାଳ ମନୋଜ ପାତ୍ର, ଡେପୁଟୀ କଲେକ୍ଟର, ନିର୍ବାଚନ ସାଗରିକା ସାହୁ ପ୍ରମୁଖ ଯୋଗ ଦେଇଥିଲେ।

ଏହି ବୈଠକରେ ଜିଲ୍ଲାପାଳଙ୍କ ଦ୍ୱାରା ଚିଠା ଭୋଟର ତାଲିକା ପ୍ରକାଶନ କରାଯିବା ସହିତ ନିର୍ଭୁଲ ଓ ଚୂଡ଼ାନ୍ତ ଭୋଟର ତାଲିକା ପ୍ରସ୍ତୁତି ପାଇଁ ଆପତ୍ତି ଅଭିଯୋଗ ଗ୍ରହଣ, ନୂତନ ଭୋଟର ପଞ୍ଜିକରଣ, ମୃତ ଓ ସ୍ଥାନାନ୍ତର ଭୋଟରଙ୍କ ନାମ ବାଦ୍‌ଦେବା, ସ୍ୱତନ୍ତ୍ର ଅଭିଯାନ ଦିବସ ଆଦି ବିଷୟରେ ଜିଲ୍ଲାପାଳ ସୂଚନା ପ୍ରଦାନ କରିଥିଲେ। ଅକ୍ଟୋବର ୨୭ ଶୁକ୍ରବାର ଚିଠା ପ୍ରକାଶନ ଦିନଠାରୁ ଡିସେମ୍ବର ୯ ତାରିଖ ରବିବାର ପର୍ଯ୍ୟନ୍ତ ପ୍ରକାଶିତ ଚିଠା ଭୋଟର ତାଲିକାରେ ଥିବା ତ୍ରୁଟି ସୁଧାରିବା ପାଇଁ ଆପତ୍ତି ଅଭିଯୋଗ ଗ୍ରହଣ କରାଯାଇ ଶୁଣାଣି ଜରିଆରେ ଡିସେମ୍ବର ୨୬ ରେ ସମାଧାନ କରାଯିବ। ନୂତନ ଭୋଟରଙ୍କ ନାମ ତାଲିକା ଭୁକ୍ତ ପାଇଁ ଆଗାମୀ ଜାନୁୟାରୀ ୧ କୁ ଯୋଗ୍ୟତା ସୂଚକ ତାରିଖ ଭାବେ ଗ୍ରହଣ କରାଗଲେ ବି ୧୭-୧୮ ବର୍ଷ ବର୍ଗର ଭୋଟର ମାନଙ୍କ ଆଗୁଆ ଆବେଦନ ପାଇଁ ବର୍ଷରେ ୪ଟି ଯୋଗ୍ୟତା ସୂଚକ ତାରିଖ ସୁଯୋଗ ରହିଛି। ଜାନୁୟାରୀ-୧, ଅପ୍ରେଲ-୧, ଜୁଲାଇ-୧ ଏବଂ ଅକ୍ଟୋବର ୧ କୁ ୧୮ ବର୍ଷ ଛୁଉଁଥିବା ଭୋଟରମାନେ ଆବେଦନ କରିପାରିବେ। ଭୋଟର ହେଲପ୍ ଲାଇନ୍ ଆପ୍ ଜରିଆରେ ଘରେ ବସି ଆବେଦନ କରିପାରିବେ। ଭୋଟର ତାଲିକାରେ ନାମ ପଞ୍ଜିକରଣ ପାଇଁ ଫର୍ମ ନଂ୬, ବାଦ୍ ପାଇଁ ଫର୍ମ ନଂ-୭, ତ୍ରୁଟି ସଂଶୋଧନ, ସ୍ଥାନାନ୍ତରଣ, ନୂତନ ପରିଚୟପତ୍ର ପାଇଁ ଫର୍ମ-୮ ରେ ଆବେଦନ କରାଯାଇପାରିବ। ସ୍ୱତନ୍ତ୍ର ଅଭିଯାନ ଦିବସ ଭାବେ ନଭେମ୍ବର ୫, ୧୧, ୧୯ ଓ ୨୫ (୨ଟି ଶନିବାର ଓ ୨ଟି ରବିବାର) ରେ ବି.ଏଲ୍.ଓ ମାନେ ସଂପୃକ୍ତ ବୁଥ୍‌ମାନଙ୍କରେ ଉପସ୍ଥିତ ରହି ନୂତନ ଭୋଟର ମାନଙ୍କ ନାମ ପଞ୍ଜିକରଣ ଓ ଆବଶ୍ୟକତା ମତେ ସମସ୍ତ ସହାୟତା ଯୋଗାଇଦେବେ। ରାଜନୈତିକ ଦଳ ଗୁଡ଼ିକ ଭୋଟର ପଞ୍ଜିକରଣ ଅଧିକାରୀଙ୍କ ଠାରୁ ଚିଠା ଭୋଟର ତାଲିକାର ଏକକିତା ନକଲ ପାଇ ପାରିବେ। ପ୍ରକାଶିତ ଡ୍ରାଫ୍‌ଟରେ ପ୍ରଦତ୍ତ ସୂଚନା ଅନୁଯାୟୀ ଅକ୍ଟୋବର ୨୭ ସୁଦ୍ଧା ଭଦ୍ରକ ଜିଲ୍ଲାର ସମୁଦାୟ ଭୋଟର ସଂଖ୍ୟା ୧,୨୫,୫, ୨୯୬। ସେଥି ମଧ୍ୟରେ ୬,୪୭,୯୨୧ ପୁରୁଷ, ୬,୦୭,୨୨୩ ମହିଳା ଓ ୧୫୨ ତୃତୀୟ ଲିଙ୍ଗି ଭୋଟର ଅଟନ୍ତି। ନିର୍ବାଚନ ମଣ୍ଡଳୀ ଭଣ୍ଡାରିପୋଖରୀର ସମୁଦାୟ ଭୋଟର ସଂଖ୍ୟା ୨,୩୬,୨୦୦, ଭଦ୍ରକର ୨,୬୬,୩୯୧, ବାସୁଦେବପୁରର ୨,୬୩,୬୬୮, ଧାମନଗର (ଏସ୍.ସି), ର ୨,୪୪,୪୭୮, ଚନ୍ଦବାଲିର ୨,୪୪,୫୫୯। ସେହିପରି ଜିଲ୍ଲାରେ ପୂର୍ବରୁ ସମୁଦାୟ ୧୨୯୨ ମତଦାନ କେନ୍ଦ୍ର ଥିବାବେଳେ ଏବେସୁଦ୍ଧା ନୂତନ କେନ୍ଦ୍ର ସହ ସମୁଦାୟ ୧୩୦୯ ମତଦାନ କେନ୍ଦ୍ର ଥିବା ସୂଚନା ପ୍ରଦାନ କରାଯାଇଛି। ନିର୍ବାଚନ ମଣ୍ଡଳୀ ଅନୁଯାୟୀ ଭଣ୍ଡାରିପୋଖରୀ ପାଇଁ ୨୫୭ ଟି ବୁଥ ଜାଗାରେ ୨୫୯ ଟି, ଭଦ୍ରକର ୨୫୫ ଜାଗାରେ ୨୬୨, ବାସୁଦେବପୁର ର ୨୬୬ ଜାଗାରେ ୨୬୭, ଧାମନଗର (ଏସ୍.ସି.) ର ୨୫୨ ଜାଗାରେ ୨୬୪, ଚନ୍ଦବାଲିର ୨୬୨ ଜାଗାରେ ୨୬୪ଟି ବୁଥ୍ ହୋଇଥିବା ଜଣାପଡ଼ିଛି।

ଚିଠା ଭୋଟର ତାଲିକା ପ୍ରକାଶିତ: ସର୍ବଦଳୀୟ ବୈଠକ ଅନୁଷ୍ଠିତ

ବଲାଙ୍ଗିର, ୨୭/୧୦ (ନି.ପ୍ର): ଆଜି ଟିଟିଲାଗଡ଼ ଉପଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ ଠାରେ ଚିଠା ଭୋଟର ତାଲିକା ପ୍ରକାଶ ସମ୍ପର୍କିତ ତଥା ଆଗାମୀ ସାଧାରଣ ନିର୍ବାଚନ ପୂର୍ବରୁ ତ୍ରୁଟିଶୂନ୍ୟ ଭୋଟର ତାଲିକା ପ୍ରସ୍ତୁତି ନିମନ୍ତେ ଦୟାମୟ ପାଢୀ, ଉପଜିଲ୍ଲାପାଳ, ଟିଟିଲାଗଡ ତଥା ନିର୍ବାଚନ ଅଧିକାରୀଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ସମସ୍ତ ରାଜନୈତିକ ଦଳର ପ୍ରତିନିଧିଗଣ ଉପସ୍ଥିତ ଥିଲେ । ଦୟାମୟ ପାଢୀ, ଉପଜିଲ୍ଲାପାଳ ନିଜ ମନ୍ତବ୍ୟରେ କହିଥିଲେ ଯେ ୪ଟି ଯୋଗ୍ୟତା ସୂଚକ ତାରିଖ ଯଥା – ଜାନୁଆରୀ ୧ ତାରିଖ, ଏପ୍ରିଲ ୧ ତାରିଖ, ଜୁଲାଇ ୧ ତାରିଖ ଓ ଅକ୍ଟୋବର ୧ ତାରିଖ ବେଳକୁ ଯେଉଁ ନାଗରିକ ମାନଙ୍କ ବୟସ ୧୮ ବର୍ଷ ହୋଇଥିବ, ସେମାନେ ପରବର୍ତୀ ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ କାର୍ଯ୍ୟକ୍ରମରେ ନିଜ ନାମ ପଞ୍ଜୀକରଣ କରିପାରିବେ । ୧୮ ରୁ ୧୯ ବର୍ଷ ହୋଇଥିବା ନୂତନ ଭୋଟରଙ୍କୁ ତାଲିକାରେ ସାମିଲ କରିବା ପାଇଁ ପ୍ରତ୍ୟେକ ବୁଥରେ ଅଙ୍ଗନୱାଡି କର୍ମୀ କିମ୍ବା ଶିକ୍ଷକ ଜଣେ ଜଣେ ବୁଥସ୍ତରୀୟ ଅଧିକାରୀ ଭାବେ ଭୋଟର ତାଲିକାର ସଂଶୋଧନ କାର୍ଯ୍ୟ କରିବା ସହ ଯତ୍ନବାନ ହେବେ, କୌଣସି ଯୋଗ୍ୟ ମତଦାତା ବାଦ ପଡିବେ ନାହିଁ, ଏଥି ନିମନ୍ତେ ସ୍ୱତନ୍ତ ଭାବେ ଦୃଷ୍ଟି ଦେବା, ସେଭଳି ଭାବେ ଭୋଟର ତାଲିକା ପ୍ରସ୍ତୁତି ନିମନ୍ତେ ଯୋଗ୍ୟତା ପ୍ରମାଣିତ ତା୦୧.୧୦.୨୦୨୩ ତାରିଖ ଅଟେ । ଭୋଟର ତାଲିକାରେ ଭିନ୍ନକ୍ଷମ ନୂତନ ଭୋଟରଙ୍କୁ ଅନ୍ତର୍ଭୁକ୍ତ, ସମସ୍ତ ଯୋଗ୍ୟ ଯୁବ ଭୋଟରଙ୍କୁ ସାମିଲ କରିବା, ସଠିକ ଓ ନିର୍ଭୁଲ ଭୋଟର ତାଲିକା ପ୍ରସ୍ତୁତି କରିବା, ମୃତ କିମ୍ବା ସ୍ଥାନାନ୍ତରିତ ଭୋଟରଙ୍କୁ ବାଦ ଦେବାରେ ସହଯୋଗ କରିବା ପାଇଁ ଉପସ୍ଥିତ ରାଜନୈତିକ ଦଳର ପ୍ରତିନିଧିଙ୍କୁ ଶ୍ରୀ ପାଢୀ ଅନୁରୋଧ କରିଥିଲେ । ସେହିଭଳି ଭାବେ ଭୋଟର ତାଲିକାରେ ନୂତନ ଭାବେ ନାମ ଅନ୍ତର୍ଭୁକ୍ତ କରିବା ପାଇଁ ଫର୍ମ-୬, ଭୋଟର ପରିଚୟ ପତ୍ରକୁ ଆଧାର ସହିତ ସଂଯୋଗ ନିମନ୍ତେ ଫର୍ମ-୬(ଖ), ଭୋଟର ତାଲିକାରେ ଅନ୍ତର୍ଭୁକ୍ତ ହୋଇଥିବା ନାମକୁ ବାଦ ଦେବା ପାଇଁ ଫର୍ମ-୭, ଭୋଟର ତାଲିକାରେ ଅନ୍ତର୍ଭୁକ୍ତ ହୋଇଥିବା ବିବରଣୀ ସଂଶୋଧନ, ସ୍ଥାନ ପରିବର୍ତନ ନିମନ୍ତେ ଫର୍ମ-୮ ରେ ମତଦାତା ମାନେ ଆବେଦନ କରିପାରିବେ ବୋଲି ଉପଜିଲ୍ଲାପାଳ ଶ୍ରୀ ପାଢୀ ସୂଚନା ପ୍ରଦାନ କରିଥିଲେ । ଏହା ବ୍ୟତୀତ ମୋବାଇଲ ବ୍ୟବହାର କରି ଭୋଟର ଆପ ଦ୍ୱାରା ସେମାନଙ୍କ ଭୋଟର ତାଲିକାରେ ନିଜ ସବିଶେଷ ବିବରଣୀ ଜାଣି ପାରିବେ ବୋଲି ଉପଜିଲ୍ଲାପାଳ ଦୟାମୟ ପାଢୀ ଜଣାଇଥିଲେ ।

ପୂଜା ମଣ୍ଡପରେ ନାରୀନେତ୍ରୀ ସୁବାସିନୀ ଜେନା

ଲଙ୍ଗଳେଶ୍ୱର,୨୫/୧୦ (ନିପ୍ର) : ପବିତ୍ର ଶାରଦୀୟ ଦୁର୍ଗା ପୂଜା ଅବସରରେ ବସ୍ତା ନିର୍ବାଚନ ମଣ୍ଡଳୀ ଅଧିନସ୍ଥ ବସ୍ତା ଏବଂ ବାଲିଆପାଳ ବ୍ଲକ୍ ର ବିଭିନ୍ନ ପଞ୍ଚାୟତରେ ଅନୁଷ୍ଠିତ ସାର୍ବଜନୀନ ଦୁର୍ଗାପୂଜା ମହୋତ୍ସବରେ ବିଜୁ ମହିଳା ଜନତା ଦଳ ରାଜ୍ୟ କାର୍ଯ୍ୟକାରୀ ସଭାପତି ତଥା ନାରୀନେତ୍ରୀ ଶ୍ରୀମତୀ ସୁବାସିନୀ ଜେନା ଯୋଗ ଦେଇ ପୂଜା ମଣ୍ଡପରେ ମା' ଙ୍କ କୃପା ଦର୍ଶନ ଲାଭ କରିବା ସହିତ ଅଞ୍ଚଳବାସୀଙ୍କ ସୁଖ ସମୃଦ୍ଧି କାମନା କରିଥିଲେ । ଶ୍ରୀମତୀ ଜେନା ବସ୍ତା ବ୍ଲକ୍ ର ପତ୍ରଝଡ଼ା ପଞ୍ଚାୟତ ସରଡ଼ିହା - ମୁକୁନ୍ଦପୁର, ସଦାନନ୍ଦପୁର ପଞ୍ଚାୟତ ମାଛିଆ ଗ୍ରାମ ବଙ୍ଗାଳିସାହି, ବସ୍ତା ବଜାର, ଈଶ୍ୱରବର୍ତ୍ତୀ ପଡ଼ିଆ, କୁଡ଼ିଆ ପଞ୍ଚାୟତ ଜମାଳପୁର, ବାସୁଚକୁରାଇ ପଞ୍ଚାୟତ ଚାରିଚକୁରାଇ, ମଥାନୀ ପଞ୍ଚାୟତ ଜଳକା ପ୍ରୋଜେକ୍ଟ ଠାରେ ଦରଡ଼ା ପଞ୍ଚାୟତ, ଇଡ଼ିଦା ପଞ୍ଚାୟତର ଗମ୍ଭାଲୁଣ୍ଡି ଏବଂ ଦୁଧହଂସା ପଞ୍ଚାୟତର ନଳବାହାର ଗ୍ରାମ ଠାରେ ଆୟୋଜିତ ଦେବୀ ଦୁର୍ଗାଙ୍କ ପୂଜା ଉତ୍ସବରେ ଯୋଗଦେଇଥିଲେ । ସେହିପରି ବାଲିଆପାଳ ବ୍ଲକ୍ ର ପ୍ରତାପପୁର ପଞ୍ଚାୟତ, ଜଗତିପୁର ପଞ୍ଚାୟତର ଅଦଭୂତିଆ, ନୂଆଗାଁ ପଞ୍ଚାୟତର କଟରାମହଲ ଓ କାଉମାରୀ, ଜମ୍ବୀରାଇ ପଞ୍ଚାୟତର ସୁନ୍ଦରକୋଇଲି, ପଞ୍ଚୁପାଲି ପଞ୍ଚାୟତ ଏବଂ ମଧୁପୁରା ପଞ୍ଚାୟତର ସିମୁଳିଆ ଠାରେ, ଅଳାଡ଼ିହା ପଞ୍ଚାୟତ ଚାନ୍ଦମଣି ଗ୍ରାମରେ ଆଦି ବିଭିନ୍ନ ସ୍ଥାନରେ ଅନୁଷ୍ଠିତ ଦେବୀ ଦୁର୍ଗାଙ୍କ ସାର୍ବଜନୀନ ପୂଜା ଉତ୍ସବରେ ଯୋଗଦେଇଥିଲେ । ନାରୀନେତ୍ରୀ ଶ୍ରୀମତୀ ଜେନାଙ୍କ ସହ ଜିଲ୍ଲା ସାଧାରଣ ସମ୍ପାଦକ, ସମ୍ପାଦକ, ବସ୍ତା ବ୍ଲକ ବିଜେଡି ସଭାପତି ଅନୀଲ କୁମାର ମହାନ୍ତି, ବାଲିଆପାଳ ବ୍ଲକ୍ ବିଜେଡି ସଭାପତି ଗୋବିନ୍ଦ ପ୍ରସାଦ ଦାସ, ଜିଲ୍ଲା ଯୁବ ଉପସଭାପତି,ଉଭୟ ବ୍ଲକର ଜିଲ୍ଲା ପରିଷଦ ସଭ୍ୟ ଓ ସଭ୍ୟା, ବାଲିଆପାଳ ବ୍ଲକ ମହିଳା ସଭାପତି ତଥା ପ୍ରତାପପୁର ସରପଞ୍ଚ କସ୍ତୁରୀବାଳା ପାତ୍ର,ବସ୍ତା ବ୍ଲକ ମହିଳା ସଭାପତି ଲିପିକା ରାଉଳ,ବାଲିଆପାଳ ବ୍ଲକର ଯୁବ ସଭାପତି,ବସ୍ତା ବ୍ଲକ ଯୁବ କାର୍ଯ୍ୟକାରୀ ସଭାପତି ଙ୍କ ସମେତ ବସ୍ତା ଏବଂ ବାଲିଆପାଳ ବ୍ଲକର ବିଭିନ୍ନ ପଞ୍ଚାୟତର ସଭାପତି, ସରପଞ୍ଚ, ସମିତିସଭ୍ୟ, ୱାର୍ଡ଼ ସଦସ୍ୟ ସଦସ୍ୟାଙ୍କ ସମେତ ଦଳର ନେତୃବୃନ୍ଦ ଓ ଅଞ୍ଚଳବାସୀ ଉପସ୍ଥିତ ଥିଲେ ।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ.....

ଓଡ଼ିଶାରେ ମୋଟ୍ ଭୋଟର....

ରାଜ୍ୟରେ ମୋଟ ଭୋଟର ସଂଖ୍ୟା ୩କୋଟି ୨୩ଲକ୍ଷ ୫୨ହଜାର ୧୧୯ ଥିବାବେଳେ ୦.୯୪% ବୃଦ୍ଧି ପାଇ ଏହା ୩କୋଟି ୨୬ଲକ୍ଷ ୫୫ହଜାର ୨୧୩ରେ ପହଂଚିଛି। କେବଳ ସେତିକି ନୁହେଁ ରାଜ୍ୟରେ ମହିଳା ଭୋଟରଙ୍କ ପରିମାଣ ମଧ୍ୟ ବୃଦ୍ଧି ପାଇଛି । ପୂର୍ବରୁ ପ୍ରତି ଏକ ହଜାର ପୁରୁଷ ଭୋଟରଙ୍କ ଅନୁପାତରେ ୯୬୧ଜଣ ମହିଳା ଭୋଟର ଥିଲେ । ଏବେ ତାହା ବୃଦ୍ଧି ପାଇ ପ୍ରତି ଏକ ହଜାର ପୁରୁଷ ଭୋଟରଙ୍କ ତୁଳନାରେ ୯୬୩ଜଣ ମହିଳା ଭୋଟର ଅଛନ୍ତି। ସାଧାରଣ ନିର୍ବାଚନ ପାଇଁ ନିର୍ବାଚନ କମିଶନ ମଧ୍ୟ ରାଜ୍ୟରେ ବୁଥ ସଂଖ୍ୟାକୁ ୩୭୬୦୬ରୁ ୩୭୮୦୯କୁ ବୃଦ୍ଧି କରିଛନ୍ତି। ଶ୍ରୀ ଧଳ କହିଛନ୍ତି ଯେ, ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶରେ ଆଜିଠୁ ଭୋଟର କାର୍ଡ ସଂଶୋଧନର ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ଭୋଟରମାନେ ସଂଶୋଧନ କିମ୍ବା ପଞ୍ଜିକରଣ ପାଇଁ ଡିସେମ୍ବର ୯ତାରିଖ ପର୍ଯ୍ୟନ୍ତ ଉଭୟ ଅନଲାଇନ ଓ ଅଫଲାଇନରେ ଆବେଦନ କରିପାରିବେ । ଆବଶ୍ୟକ ପଡ଼ିଲେ ଟୋଲ୍ ଫ୍ରି ନମ୍ବର ୧୯୫୦କୁ କଲ୍ କରି ମଧ୍ୟ ସହାୟତା ନେଇପାରିବେ । ସେହିପରି ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶରେ ରାଜ୍ୟରେ ଯୁବ ଭୋଟରଙ୍କୁ ପଞ୍ଜିକରଣ କରାଇବା ନିମନ୍ତେ ନଭେମ୍ବର ମାସରେ ୫,୧୧,୧୯ ଓ ୨୫ତାରିଖରେ ରାଜ୍ୟର ସମସ୍ତ ବୁଥରେ କାର୍ଯ୍ୟକ୍ରମ ଗ୍ରହଣ କରାଯିବ । ବିଶେଷକରି ୧୮-୧୯ ବର୍ଷ ବୟସର ନୂଆ ଭୋଟରଙ୍କୁ ପଞ୍ଜିକରଣ ଉପରେ ଗୁରୁତ୍ୱ ଦିଆଯାଉଛି । ଆସନ୍ତା ଡିସେମ୍ବର ୨୬ତାରିଖ ସୁଦ୍ଧା ଆପତ୍ତି ଅଭିଯୋଗ ଗ୍ରହଣ କରାଯାଇ ତା'ର ସମାଧାନ କରାଯିବ । ଜାନୁୟାରୀ ୫ତାରିଖରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇବ ବୋଲି ଶ୍ରୀ ଧଳ ସୂଚନା ଦେଇଛନ୍ତି ।

ଘର ଭିତରେ ବାଣ...

ଆବଶ୍ୟକ ହେଲେ ସେମାନଙ୍କୁ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ପଠାଯିବ ବୋଲି ଜଣାପଡ଼ିଛି। ବାଣ ବିସ୍ଫୋରଣ ହେବାରୁ ପ୍ରଚଣ୍ଡ ଶବ୍ଦରେ ଆଖପାଖ ଅଞ୍ଚଳ କମ୍ପି ଯାଇଥିଲା। ଏମିତିକି ଜିତୁଙ୍କ ଘରର ତଳ ମହଲାରେ ଥିବା ପରିବାରର ୩ ଜଣ ସଦସ୍ୟ ଆହତ ହୋଇଛନ୍ତି। ବେଗୁନିଆପଡ଼ା ପୁଲିସ୍ ଘଟଣାର ତଦନ୍ତ କରୁଛି। ସେହି ଘରେ ବେଆଇନ ଭାବେ ବାଣ ତିଆରି କରାଯାଉଥିଲା ନା ଆଗକୁ ଦୀପାବଳି ଥିବାରୁ ବିକ୍ରି କରିବା ପାଇଁ ବାଣ ରଖାଯାଇଥିଲା ନା ଆଉ କିଛି କଥା ଥିଲା, ସେ ଦିଗରେ ଖୋଳତାଡ଼ କରୁଛି ପୁଲିସ୍।

ସ୍ୱରୂପ ନାୟକଙ୍କ ...

ସହର ଜଳୁଛି, ଲାଲ୍ ପାନ୍ ବିବି, ଉଦଣ୍ଡୀ ସୀତା, ସିନ୍ଦୂର ନୁହେଁ ଖେଳଘର, ମନ ରହିଗଲା ତୁମଠାରେ, ପୁଅ ମୋର ଭୋଳା ଶଙ୍କର, ଆଇ ଲଭ୍ ୟୁ, ଶାଶୁ ଘର ଚାଲିଯିବି, ଜୀବନ ମୃତ୍ୟୁ ଓ କଥାନ୍ତର ଭଳି ଚଳଚ୍ଚିତ୍ରରେ ସ୍ୱରୂପ ନାୟକ ସଙ୍ଗୀତ ନିର୍ଦ୍ଦେଶନା ଦେଇଥିଲେ। ସ୍ୱରୂପ ନାୟକଙ୍କ ମୃତ୍ୟୁର କେବଳ ଓଡ଼ିଆ ଫିଲ୍ମ ଜଗତ ନୁହେଁ, ବିଭିନ୍ନ କ୍ଷେତ୍ରର ଲୋକେ ଦୁଃଖ ପ୍ରକାଶ କରିଛନ୍ତି। ସ୍ୱରୂପଙ୍କ ପରଲୋକରେ ଦୁଃଖ ପ୍ରକାଶ କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ସେ କହିଛନ୍ତି, ସ୍ୱରୂପ ନାୟକଙ୍କ ବିୟୋଗ ଖବର ଜାଣି ମୁଁ ଦୁଃଖିତ। ନିଆରା ସଙ୍ଗୀତ ରଚନା ପାଇଁ ସର୍ବଦା ସେ ଶ୍ରୋତାଙ୍କ ହୃଦୟରେ ରହିବେ। ଓଡ଼ିଆ ଚଳଚ୍ଚିତ୍ର ଜଗତକୁ ସମୃଦ୍ଧ କରିବାରେ ତାଙ୍କର ବହୁମୂଲ୍ୟ ଯୋଗଦାନ ରହିଛି। କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଶୋକ ପ୍ରକାଶ କରି କହିଛନ୍ତି ଯେ ସ୍ୱରୂପ ନାୟକ ସଙ୍ଗୀତ ଜଗତରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ।ତାଙ୍କ ବିୟୋଗରେ ଓଡ଼ିଶା ଜଣେ ଉଜ୍ଜ୍ୱଳ ପ୍ରତିଭାଙ୍କୁ ହରାଇଲା। ସ୍ୱରୂପ ନାୟକଙ୍କ ବିୟୋଗରେ ବିଜେପି ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବୈଜୟନ୍ତ ପଣ୍ଡା ଦୁଃଖ ପ୍ରକାଶ କରିଛନ୍ତି। ସେ ତାଙ୍କ ଏକ୍ସ ଏକାଉଣ୍ଟରେ ଲେଖିଛନ୍ତି- ସୁପ୍ରସିଦ୍ଧ ସଙ୍ଗୀତକାର, ଅଭିନେତା, ଗୀତିକାର ତଥା ପ୍ରଚ୍ଛଦପଟ ଗାୟକ ସ୍ୱରୂପ ନାୟକଙ୍କ ବିୟୋଗ ଖବର ଶୁଣି ମୁଁ ଦୁଃଖିତ ଏବଂ ମର୍ମାହତ । ଓଡ଼ିଆ ସିନେ ଜଗତ ପ୍ରତି ତାଙ୍କର ଅତୁଳନୀୟ ଅବଦାନ ପାଇଁ ସେ ଚିର ସ୍ମରଣୀୟ ହୋଇ ରହିବେ । ଦିବଙ୍ଗତ ଆତ୍ମାର ସଦଗତି କାମନା କରିବା ସହ ତାଙ୍କର ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଉଛି।

କନ୍ଦାଉଛି ପିଆଜ...

ବ୍ୟବସାୟୀ ମହାସଂଘର ସାଧାରଣ ସମ୍ପାଦକ ସୁଧାକର ପଣ୍ଡା କହିଛନ୍ତି, ଓଡ଼ିଶା ବଜାରକୁ ଦୈନିକ ୧୫ଶହ ଟନ ଓ ବାର୍ଷିକ ୫ରୁ ସାଢେ ୫ ଲକ୍ଷ ଟନ ପିଆଜ ଦରକାର। ସାରା ଦେଶରେ ବର୍ଷା ଯୋଗୁ ଫସଲ ଅମଳ ବାଧାପ୍ରାପ୍ତ ହୋଇଥିବାରୁ ଏହି ଦର ବୃଦ୍ଧି ହୋଇଛି। ଏଥିନିମନ୍ତେ ପ୍ରତି ବର୍ଷ ଅଗଷ୍ଟରୁ ନଭେମ୍ବରରେ ପିଆଜ ଦର ବୃଦ୍ଧି ହୋଇଥାଏ। ମାତ୍ର ଏଥର ବିଳମ୍ବରେ ରେଟ୍ ବଢ଼ିଥିବା ବେଳେ ଆସନ୍ତା ୮, ୧୦ ଦିନ ମଧ୍ୟରେ ତାହା ନିୟନ୍ତ୍ରଣକୁ ଆସିଯିବ ବୋଲି ଅନୁମାନ କରାଯାଉଛି। ମାତ୍ର ବେଳେବେଳେ ହେଉଥିବା ଅବାସ୍ତବ ଦର ବୃଦ୍ଧି ପଛରେ କର୍ପୋରେଟ ହାଉସଙ୍କ ହାତ ରହୁଥିବା ଅଭିଯୋଗ କରିଛନ୍ତି ସୁଧାକର ପଣ୍ଡା। ଏନେଇ ସେ କହିଛନ୍ତି, ମାର୍କେଟରେ ଦର ସାମାନ୍ୟ ବଢ଼ିଲେ କର୍ପୋରେଟ ହାଉସ ପକ୍ଷରୁ ବହୁ ପରିମାଣର ଜିନିଷ ଗଚ୍ଛିତ ରଖି କୃତ୍ରିମ ଅଭାବ ସୃଷ୍ଟି କରାଯାଉଛି । ସେମାନଙ୍କ ପାଖରେ ଏକ ସଙ୍ଗେ ବିପୁଳ ପରିମାଣର ଜିନିଷ ମହଜୁଦ ରଖିବାକୁ ଅର୍ଥବଳ ସହ ପର୍ଯ୍ୟାପ୍ତ ଜାଗା ମଧ୍ୟ ମହଜୁଦ ରହୁଛି। ଏହାକୁ ସେମାନେ ଚଢ଼ା ଦରରେ ବିକ୍ରି କରୁଥିବା ବଳେ ସାଧାରଣ ଲୋକେ ହଇରାଣ ହେଉଛନ୍ତି। ତେଣୁ ସରକାର ଏଥିପ୍ରତି ଧ୍ୟାନ ଦେବାକୁ ଦାବି ହେଉଛି।

କପିଲଦେବ ସିଂ ହତ୍ୟା ମାମଲାରେ...

ସୂଚନା ଥାଉକି ଅକ୍ଟୋବର ୧୪ ତାରିଖରେ ମୁଖତାର ଅନସାରୀର ଗାଜିପୁର ଓ ମଓ ସ୍ଥିତ କିଛି ସମ୍ପତ୍ତି ଜବତ କରାଯାଇଥିଲା । ଆହ୍ଲାବାଦ ହାଇକୋର୍ଟରେ ମଧ୍ୟ ମୁଖତାର ଅନସାରୀଙ୍କ ଜାମିନ ଆବେଦନ ଉପରେ ଶୁଣାଣି ହୋଇଥିଲା । ୨୦୦୯ ରେ କପିଲଦେବ ସିଂ ହତ୍ୟା ମାମଲାରେ ପୂରା ଉତ୍ତର ପ୍ରଦେଶ ଥରି ଉଠିଥିଲା । କପିଲଦେବ ସିଂ ଜଣେ ଶିକ୍ଷକ ଥିଲେ । କୌଣସି ଏକ ମାମଲାକୁ ନେଇ ମୁଖତାର ଅନସାରୀ କପିଲଦେବ ସିଂଙ୍କୁ ହତ୍ୟା କରାଇଥିଲେ ।

ଯାଜପୁରରୋଡ଼ - ଧାମରା ରେଳପଥକୁ ଗତିଶକ୍ତି ଯୋଜନାରେ ଅନ୍ତର୍ଭୁକ୍ତ କର : ସଂଗ୍ରାମ ସମିତି

କୋରେଇ, ୨୭/୧୦ (ନି.ପ୍ର): ୨୦୨୩ ନଭେମ୍ବର ମାସ ମଧ୍ୟରେ ଯାଜପୁରରୋଡ଼ - ଧାମରା ରେଳପଥର ଚୂଡ଼ାନ୍ତ ସର୍ଭେ (ଏଫ୍.ଏଲ୍.ଏସ୍.) ଶେଷ କରି ଏହାର ସବିଶେଷ ପ୍ରକଳ୍ପ ରିପୋର୍ଟ (ଡି.ପି.ଆର୍.) ପ୍ରସ୍ତୁତ କରିବା ସହ ପ୍ରକଳ୍ପଟିର ରୂପା

ଶନିବାର, ଅକ୍ଟୋବର ୨୮, ୨୦୨୩

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା ୮

ରଗ୍‌ବୀ ଫୁଟବଲ ପ୍ରତିଯୋଗିତାରେ ମୟୂରଭଞ୍ଜରୁ ୪୮ ଖେଳାଳି

ବାରିପଦା, ୨୭/୧୦ (ନି.ପ୍ର): ଓଡିଶା ରାଜ୍ୟସ୍ତରୀୟ ୧୪ ଓ ୧୭ ବର୍ଷରୁ କମ ଉଭୟ ବାଳକ ଓ ବାଳିକା ବର୍ଗର ରଗବୀ ଫୁଟବଲ ପ୍ରତିଯୋଗିତା ଚଳିତ ଅକ୍ଟୋବର ମାସ ୨୭ରୁ ୨୮ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱର ସ୍ଥିତ ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟ, ୟୁନିଟ -୬ ଠାରେ ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବା ପାଇଁ ମୟୂରଭଞ୍ଜ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ ଏବଂ ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ଭାଗିରଥି ମଲ୍ଲିକଙ୍କ ତତ୍ତ୍ୱାବଧାନରେ ବାଳକ ଟିମ ମ୍ୟାନେଜର ଭାବେ ପିଇଟି ତାରିଣୀ ସେନ ନାୟକ ଓ ବାଳିକା ଟିମ ମ୍ୟାନେଜର ଭାବେ ପିଇଟି ରୂପାଲୀ ସୋରେନଙ୍କ ନେତୃତ୍ୱରେ ୧୭ ବର୍ଷରୁ କମ ବାଳକ ବିଭାଗରେ ସୋନାର ସିଂ ବେସ୍ରା, ଶିବ ସୋରେନ, ଆଚମ ଟୁଡୁ, କାହ୍ନୁ ମାର୍ଣ୍ଡି, ଦୀପକ ବେହେରା, ସାମଲ ବାସ୍କେ, ଆଶ୍ୱେଷର ମାରାଣ୍ଡି, ସକ୍ଷଗୁନ ସୋରେନ, ସୁବାଷ ହାଁସଦା, ଜୟରାମ ଟୁଡୁ, ଆଦିତ୍ୟ ଧୁଙ୍ଗିଆ, ରଘୁନାଥ ଟୁଡୁ ଓ ବାଳିକା ବିଭାଗରେ ସୁମିତ୍ରା ମୁର୍ମୁ, ବାସନ୍ତୀ ମୁର୍ମୁ, ଦୁଲାରୀ ମୁର୍ମୁ, ମମତା ମୁର୍ମୁ, ସୋନାଲି ମାରାଣ୍ଡି, ହିସି ଟୁଡୁ, ପାଏଲ ହାଁସଦା, ସବିତା ସୋରେନ, ପାମା ମୁର୍ମୁ, ସଲମା ସୋରେନ, ସଲମା ସୋରେନ, ମନୀଷା ସୋରେନ, ୧୪ ବର୍ଷରୁ କମ ବାଳକ ବିଭାଗରେ ବିକ୍ରମ ଦାସ, ରଜନୀକାନ୍ତ ହେମ୍ବ୍ରମ, ବିଶ୍ୱଜିତ ସୋରେନ, ବାଇକୁ ମାରାଣ୍ଡି, ସୁନ୍ଦରମୋହନ ମାରାଣ୍ଡି, ବୁଢାନ ସିଂ ବାଇପାଇ, ବିଶାଲ ମହାନ୍ତ, ଫାଗୁ ମୁର୍ମୁ, ମନୋଜ ମୁର୍ମୁ, ବାଦଲ ନାଏକ, ଋତୁରାଜ ଟୁଡୁ, ଅତୁନ ପାଣି ଓ ବାଳିକା ବିଭାଗରେ ଅନୁପ୍ରିୟା ମୁର୍ମୁ, ଶୁଭେନା ହେମ୍ବ୍ରମ, ସୁଦର୍ଶନକ୍ଷ କ୍ରିଷ୍ଣା ନାଏକ, ହିସି ଟୁଡୁ, ଚୁମୁକି ରାଣୀ ମୁର୍ମୁ, ସରିତା ମୁର୍ମୁ, ସାବିତ୍ରୀ ମାରାଣ୍ଡି, ସୀତା ମାରାଣ୍ଡି, ସାଲହ କିସ୍କୁ, ଶାନ୍ତିପ୍ରିୟା ମୁର୍ମୁ, ରାଜଲକ୍ଷ୍ମୀ ରାମ, ସରମଣୀ ହେମ୍ବ୍ରମ ପ୍ରମୁଖ ୪୮ ଜଣ କ୍ରୀଡାବିତ ଯୋଗ ଦେଇଥିବାର ଜଣାଯାଇଛି।

ମେରୀମାଟି ମେରାଦେଶ : ଦିଲ୍ଲୀ ଅଭିମୁଖେ ଭଦ୍ରକ ଜିଲ୍ଲାର ମାଟି

ଭଦ୍ରକ , ୨୭/୧୦ (ନି.ପ୍ର): ମେରୀ ମାଟି ମେରାଦେଶ ଅଭିଯାନରେ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ଭଦ୍ରକ ଜିଲ୍ଲାର ଗ୍ରାମପଞ୍ଚାୟତ, ବ୍ଲକ୍, ପୌରାଞ୍ଚଳରୁ ସଂଗୃହୀତ ମୃତ୍ତିକାକୁ ଦିଲ୍ଲୀ ଅଭିମୁଖେ ପ୍ରେରଣ କରାଯାଇଛି। ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ନିର୍ଦ୍ଦେଶ ମତେ ଜିଲ୍ଲା ସଂସ୍କୃତି କାର୍ଯ୍ୟାଳୟରେ ଗଚ୍ଛିତ ଏହି ମୃତ୍ତିକା କଳସକୁ ଜିଲ୍ଲା ସଂସ୍କୃତି ଅଧିକାରୀ ତନୁଜା ସିର୍କା, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ ହସ୍ତାନ୍ତର କରିଥିଲେ। ଜିଲ୍ଲା ପ୍ରଶାସନ ତରଫରୁ ଏହି ଅମୃତ କଳସକୁ କନିଷ୍ଠ ଯନ୍ତ୍ରୀ ଜଗନ୍ନାଥ ବିଶ୍ୱାଳ ଓ ନେହେରୁ ଯୁବକେନ୍ଦ୍ରର ସଦସ୍ୟ ସୌମ୍ୟରଞ୍ଜନ ଖୁଣ୍ଟିଆ ଗ୍ରହଣ କରି ଭୁବନେଶ୍ୱର ଦେଇ ଦିଲ୍ଲୀ ଅଭିମୁଖେ ଯାତ୍ରା ପାଇଁ ବାହାରି ଯାଇଥିଲେ। ଜିଲ୍ଲା କଳା ସଂସ୍କୃତି ସଂଘର ଉପସଭାପତି ତ୍ରିଲୋଚନ ପଣ୍ଡା ଏହି ମୃତ୍ତିକା କଳସ ସାଜସଜ୍ଜାରେ ଆନୁସାଙ୍ଗିକ ସହଯୋଗ କରିଥିଲେ। ଦେଶ ପାଇଁ ଶହୀଦ ବୀର ବୀରାଙ୍ଗନା ମାନଙ୍କ ସମ୍ମାନ ଉଦ୍ଦେଶ୍ୟରେ ପ୍ରସ୍ତୁତ କରାଯାଉଥିବା ଦିଲ୍ଲୀର ଅମୃତ ବାଟିକାରେ ବ୍ୟବହୃତ ହେବାକୁ ଥିବା ଏହି ମାଟି ନେବା ପାଇଁ ଅମୃତ କଳସ ଯାତ୍ରା ଉପଲକ୍ଷେ ଭୁବନେଶ୍ୱର ଠାରେ ଶୁକ୍ରବାର ସନ୍ଧ୍ୟାରେ ରାଜ୍ୟ ସ୍ତରୀୟ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ଶନିବାର ରେଳ ଯୋଗେ ଏହି ମୃତ୍ତିକା କଳସ ଯାତ୍ରା ଦିଲ୍ଲୀ ଅଭିମୁଖେ ଆରମ୍ଭ ହେବ। ସୂଚନା ଯୋଗ୍ୟ କି ୨୯ ଅକ୍ଟୋବର ରୁ ୧ ଅକ୍ଟୋବର ପର୍ଯ୍ୟନ୍ତ ଦିଲ୍ଲୀ ଠାରେ ଏହି ଅଭିଯାନ ଉପଲକ୍ଷେ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି।

ଜାତୀୟ ପ୍ରେସ ଦିବସ ପାଳନ ପାଇଁ ଓୟୁଜେର ପ୍ରସ୍ତୁତି ବୈଠକ

ବାଲେଶ୍ୱର, ୨୭/୧୦ (ନି.ପ୍ର): ଓଡ଼ିଶା ସାମ୍ବାଦିକ ୟୁନିଅନ ବାଲେଶ୍ୱର ଜିଲ୍ଲା ଶାଖା ପକ୍ଷରୁ ଜାତୀୟ ପ୍ରେସ ଦିବସ ପାଳନ ପାଇଁ ପ୍ରସ୍ତୁତି ବୈଠକ ପୂର୍ତ୍ତ ଡ଼ାକବଙ୍ଗଳାରେ ଆଜି ପୂର୍ବାହ୍ନରେ ଅନୁଷ୍ଠିତ ହୋଇଯାଇଛି। ନଭେମ୍ବର ୧୬ ତାରିଖ ରେ ଏହି ଦିବସ ପାଳନ ଅବସରରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା। ଏହି ଅବସରରେ ଓୟୁଜେ ର ମୁଖପତ୍ର ଆହ୍ୱାନ ର ସ୍ୱତନ୍ତ୍ର ବିଶେଷାଙ୍କ ପ୍ରକାଶନ ନିମନ୍ତେ ନିଷ୍ପତ୍ତି ନିଆଯାଇଥିଲା ସ୍ୱତନ୍ତ୍ର ବିଶେଷାଙ୍କ ପାଇଁ ଶୁଭେଚ୍ଛା ବାର୍ତ୍ତା ଓ ସଦସ୍ୟ ମାନଙ୍କ ଠାରୁ ଲେଖା ଆଗାମୀ ୧୦/୧୧ ସୁଦ୍ଧା ପଠାଇବାକୁ ନିଷ୍ପତ୍ତି ହୋଇଛି। ଏଥି ସହିତ ଜାତୀୟ ପ୍ରେସ ଦିବସ ପାଳନ ରେ ଅତିଥି ମାନଙ୍କ ସମ୍ପର୍କରେ ପରବର୍ତ୍ତୀ ବୈଠକରେ ନିଷ୍ପତ୍ତି ନିଆଯିବାକୁ ସ୍ଥିର ହୋଇଛି । ଏଥିସହିତ ନଭେମ୍ବର ୫ ତାରିଖରେ ବଲାଙ୍ଗିରଠାରେ ରାଜ୍ୟ କାର୍ଯ୍ୟକାରିଣୀ ବୈଠକ, ଡିସେମ୍ବର ୨୨ ରେ ରାଜ୍ୟ ସଂଘର ଦ୍ୱି ବାର୍ଷିକ ସମ୍ମିଳନୀ ରେ ଯୋଗ ଦେବା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଜିଲ୍ଲା ଶାଖା ସଭାପତି ଗଙ୍ଗାଧର ରାଉତ ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ସାଧାରଣ ସମ୍ପାଦକ ବିବେକାନନ୍ଦ ଦାସ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅନାମ ଚରଣ ପଣ୍ଡା ସଂଗଠନ ସମ୍ପାଦକ ଉତ୍କଳବନ୍ଧୁ ପଣ୍ଡା, ଟାଉନ ସଂଯୋଜକ ଅଜିତ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ରହି ଆଲୋଚନା ରେ ନିଜର ମତବ୍ୟକ୍ତ କରିଥିଲେ।

ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ ଉପଲକ୍ଷେ ପ୍ରତିଯୋଗିତା ଅନୁଷ୍ଠିତ

ବାରିପଦା , ୨୭/୧୦ (ନି.ପ୍ର): ଚଳିତ ବର୍ଷ ଅକ୍ଟୋବର ୩୦ ରୁ ନଭେମ୍ବର ୫ତାରିଖ ପର୍ଯ୍ୟନ୍ତ ରାଜ୍ୟବ୍ୟାପୀ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳିତ ହେଉଥିବା ବେଳେ, ଏହି ଅବସରରେ ସ୍ଥାନୀୟ ମହାରାଜା କୃଷ୍ଣଚନ୍ଦ୍ର ଉଚ୍ଚ ବିଦ୍ୟାଳୟ ଠାରେ ସ୍କୁଲ ଏବଂ କଲେଜ ଛାତ୍ର ଛାତ୍ରୀଙ୍କ ମଧ୍ୟରେ କନିଷ୍ଠ ଏବଂ ବରିଷ୍ଠ ଦୁଇଟି ବର୍ଗ ରେ ଇଂରାଜୀ ଓ ଓଡ଼ିଆ ରେ ଦୁର୍ନୀତି ନିବାରଣ ବିଭାଗ ଦ୍ୱାରା ପ୍ରଦତ୍ତ ଦୁର୍ନୀତି କୁ ବିରୋଧ କରିବା :ରାଷ୍ଟ୍ର ପ୍ରତି ସମର୍ପିତ ରହିବା ବିଷୟ ବସ୍ତୁ ଉପରେ ବକ୍ତୃତା ଓ କାର୍ଟୁନ କମ କେପସନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ପ୍ରଶାସନ ତତ୍ତ୍ୱାବଧାନରେ ଜିଲ୍ଲା ଶିକ୍ଷାଅଧିକାରୀ ଙ୍କ ଦ୍ୱାରା ଆୟୋଜିତ ଉକ୍ତ ପ୍ରତିଯୋଗିତାରେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଡ଼କ୍ଟର ପ୍ରଶାନ୍ତ କୁମାର ମହାନ୍ତି, ଭିଜିଲାସନ୍ସ ଇନ୍ସପେକ୍ଟର ବିକାଶ କୁମାର ସ୍ୱାଇଁ, ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ଭାଗିରଥି ମଲ୍ଲିକ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିକାଶ ରଞ୍ଜନ ମହାନ୍ତି ଯୋଗ ଦେଇଥବା ବେଳେ ବିଚାରକ ଭାବେ ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ଅତୁଲ କୁମାର ପରିଡା, ମହୁଲବଣୀ ହାଇସ୍କୁଲ ର ପ୍ରଧାନ ଶିକ୍ଷକ ଜୟଚନ୍ଦ୍ର ବେହେରା, ବଡ଼ସାହି ଗୋଷ୍ଠୀ ଶିକ୍ଷା ଅଧିକାରୀ ମଧୁସ୍ମିତା ଗିରି, ଆଦର୍ଶ ବିଦ୍ୟାଳୟ ର ସହକାରୀ ଶିକ୍ଷକ ଋତୁପର୍ଣ୍ଣା ମହାନ୍ତି ଇଂରାଜୀ ବକ୍ତୃତା ପ୍ରତିଯୋଗିତା, ବାରିପଦା ଏବିଇଓ ତପସ୍ୱିନୀ ଦାଶ, କଣ୍ଟାପାଳ ହାଇସ୍କୁଲର ପ୍ରଧାନ ଶିକ୍ଷକ ଅମିତାଭ ମିଶ୍ର, ସହକାରୀ ଶିକ୍ଷକ ଚିତ୍ତ ରଞ୍ଜନ ପାଲଟା, ସହକାରୀ ଶିକ୍ଷୟତ୍ରୀ ବର୍ଣ୍ଣାଳି ରାଉତ ଓଡ଼ିଆ ବକ୍ତୃତା ପ୍ରତିଯୋଗିତା, ଏବଂ କଳା ଶିକ୍ଷକ କାର୍ତ୍ତିକ ଚନ୍ଦ୍ର ମହାନ୍ତି କାର୍ଟୁନ କମ କେପସନ ପ୍ରତିଯୋଗିତାରେ କାର୍ଯ୍ୟନିର୍ବାହ କରିଥିଲେ। ମନୋଜ କୁମାର ପରିଡା, ରାଜକିଶୋର ସେଠୀ, ଗାୟତ୍ରୀ ବେହେରା, ପ୍ରବୀର କୁମାର ବେହେରା ଓ ଦୀପକ କୁମାର ରାମ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ଅଜଣା ଯୁବକଙ୍କ ମୃତଦେହ ବିଲରୁ ଉଦ୍ଧାର: ହତ୍ୟା ସନ୍ଦେହ

ଖୋର୍ଦ୍ଧା, ୨୭/୧୦ (ନି.ପ୍ର): ଖୋର୍ଦ୍ଧା ଆର୍ଦଶ ଥାନା ଅର୍ନ୍ତଗତ ସୁର୍ଦଶନ ବିହାର କଲୋନୀ ନିକଟସ୍ଥଏକ ବିଲରୁ ପୁଲିସ ଜଣେ ଅଜଣା ବ୍ୟକ୍ତିର ମୃତ ଦେହ ଉଦ୍ଧାର କରିଛି । ତାକୁ କେହି ହତ୍ୟା କରିଥିବା ସନ୍ଦେହ କରାଯାଇଛି । ପ୍ରକାଶ ଯୋଗ୍ୟ, ଆଜି ସକାଳେ ଜଣେ ମଇଁଷି ଚରାଳି ମଇଁଷି ଚରାଉଥିବାବେଳେ ଗୁରୁଜଙ୍ଗ ମୌଜା ୧୫ ନଂ ୱାର୍ଡର ଗୁରୁଜଙ୍ଗ ଜୋର ର କିଛି ଦୂରରେ ଥିବା ଏକ ବିଲରେ ଜଣେ ଅଜଣା ବ୍ୟକ୍ତିଙ୍କ ମୃତଦେହ ପଡିଥିବା ଦେଖିଥିଲା । ସଙ୍ଗେ ସଙ୍ଗେ ସେଠାରେ ଲୋକ ଗହଳୀ ହୋଇଥିବାବେଳେ ପୁଲିସ ପହଁଚି ଶବକୁ ଜବତ କରି ବ୍ୟବଚ୍ଛେଦ ଲାଗି ଖୋର୍ଦ୍ଧା ମେଡିକାଲରେ ଭର୍ତି କରିଛି । ପୁଲିସ ଏ ସଂର୍ପକରେ ଏକ ଅପମୃତ୍ୟୁ ମକଦ୍ଦମା ରୁଜୁ କରି ତଦନ୍ତ ଚଳାଇଛି । ମୃତକଙ୍କ ବୟସ ୩୦ରୁ ୩୫ ବର୍ଷ ହେବ ବୋଲି ଅନୁମାନ କରାଯାଇଛି। ସଂପୃକ୍ତ ଯୁବକ ଏକ ଲୁଗା ପିନ୍ଧିଥିଲେ । ତାଙ୍କ ନାକ ଉପରୁ ରକ୍ତ ବାହାରୁଥିବାବେଳେ ସେ କାନ୍ଧରେ ଏକ ଗାମୁଛା ପକାଇଥିବା ଦେଖାଯାଇଛି ।

ଜମ୍ମୁକଶ୍ମୀରର ନୂଆ ଡିଜିପି ହେବେ ଓଡ଼ିଆ ପୁଅ ରଶ୍ମିରଂଜନ ସ୍ୱାଇଁ

ଶ୍ରୀନଗର/ଭୁବନେଶ୍ୱର, ୨୭/୧୦ (ନି.ପ୍ର): ୧୯୯୧ କ୍ୟାଡରର ଆଇପିଏସ୍ ଅଧିକାରୀ ତଥା ଓଡ଼ିଆ ପୁଅ ରଶ୍ମିରଂଜନ ସ୍ୱାଇଁ ଜମ୍ମୁକଶ୍ମୀରର ନୂତନ ପୁଲିସ୍ ମହାନିର୍ଦ୍ଦେଶକ (ଡିଜିପି) ହେବେ। ଗୃହ ମନ୍ତ୍ରଣାଳୟ ଶୁକ୍ରବାର ଦିନ ଜାରି କରିଥିବା ଏକ ଆଦେଶରେ କୁହାଯାଇଛି, ଯେ ପୂର୍ବରୁ ସିଆଇଡି ମହାନିର୍ଦ୍ଦେଶକ ଥିବା ରଶ୍ମିରଂଜନ ସ୍ୱାଇଁ ନଭେମ୍ବର ୧, ୨୦୨୩ଠାରୁ ଜମ୍ମୁକଶ୍ମୀର ପୁଲିସର ମହାନିର୍ଦ୍ଦେଶକ ଭାବେ କାର୍ଯ୍ୟ କରିବେ। ବର୍ତମାନ ଜମ୍ମୁକଶ୍ମୀର ପୁଲିସର ମହାନିର୍ଦ୍ଦେଶକ ଥିବା ଦିଲବାଗ ସିଂ ଆସନ୍ତା ଅକ୍ଟୋବର ୩୧ରେ ଅବସର ନେବେ। ଉଲ୍ଲେଖ ଥାଉ କି ରାଉରକେଲାର ମୂଳ ବାସିନ୍ଦା ରଶ୍ମିରଂଜନ ନ୍ୟାସନାଲ ପୁଲିସ୍ ଏକାଡେମୀ (ହାଇଦ୍ରାବାଦ) ରେ ତାଲିମ ସମାପ୍ତ କରିଛନ୍ତି।

ଓଡିଶା ଛାଡ଼ିଲେ ପୂର୍ବତନ ରାଜ୍ୟପାଳ

ଭୁବନେଶ୍ୱର, ୨୭/୧୦ (ନି.ପ୍ର): ପୂର୍ବତନ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଶୁକ୍ରବାର ଓଡିଶା ଛାଡିଛନ୍ତି। ଏହା ପୂର୍ବରୁ ରାଜଭବନରେ ତାଙ୍କୁ ଗାର୍ଡ ଅଫ୍ ଅନର ଦିଆଯାଇଛି। ଏଡି ସମୟରେ ପ୍ରଫେସର ଗଣେଶୀ ଲାଲ ପ୍ରତିକ୍ରିୟା ଦେଇ କହିଛନ୍ତି ଓଡିଶାକୁ ଭୁଲିପାରିବିନି, ଓଡିଶା ମାଟିରେ କାମ କରିଥିବାରୁ ମୁଁ କୃତଜ୍ଞ। ସେହିପରି ଗଣେଶୀ ଲାଲଙ୍କୁ ଭୁବନେଶ୍ୱର ବିମାନ ବନ୍ଦରରେ ବିଦାୟ ସମର୍ଦ୍ଧନା ଦେଇଛନ୍ତି କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଶ୍ରୀ ପ୍ରଧାନ କହିଛନ୍ତି କାର୍ଯ୍ୟକାଳରେ ଓଡ଼ିଶାବାସୀଙ୍କ ପାଇଁ ସେ ସମ୍ପାଦନ କରିଥିବା ସେବା କାର୍ଯ୍ୟ ସବୁ ଦିନ ପାଇଁ ମନେ ରହିବ। ମହାପ୍ରଭୁଙ୍କ ପାଖରେ ସେ ତାଙ୍କର ଦୀର୍ଘ ଓ ନିରାମୟ ଜୀବନ କାମନା କରିଛନ୍ତି।

ନୀଳଗିରିର ନୂତନ ତହସିଲଦାର ଦିପ୍ତିମୟୀ ବେହେରାଙ୍କ ଦାୟିତ୍ୱ ଗ୍ରହଣ

ନୀଳଗିରି, ୨୭/୧୦ (ନି.ପ୍ର): ଖଣିଜ ସଂପଦଭରା ନୀଳଗିରିରେ ଦିନକୁ ଦିନ ବଢିଚାଲିଛି ଖଣିଜ ସଂପଦ ଲୁଟ। ରାଜସ୍ୱ ବିଭାଗ ନିଦାବିଷ୍ଟ ସାଜି ସବୁଜାଣି ନଜାଣିଲା ପରି ବସିରହିଛି। ଏପରି ସ୍ଥଳେ ରାଜ୍ୟ ସରକାର ୨ଦିନ ମଧ୍ୟରେ ଦୁଇଜଣ ତହସିଲଦାରଙ୍କ ବଦଳି ନିର୍ଦ୍ଦେଶ ଦେଇଛନ୍ତି। ଗତ ଫେବୃଆରୀ ମାସରେ ନୀଳଗିରି ତହସିଲଦାର ଭାବେ ରଞ୍ଜନ କୁମାର ବେହେରା କାର୍ଯ୍ୟଭାର ସମ୍ଭାଳିଥିବା ବେଳେ କିଛିଦିନ ପୂର୍ବରୁ ପୁରୀ ଜିଲ୍ଲା ବ୍ରହ୍ମଗିରିକୁ ବିଡ଼ିଓ ଭାବେ ତାଙ୍କର ବଦଳି ହୋଇଛି। ସବୁଠୁଁ ଗୁରୁତ୍ୱପୂର୍ଣ୍ଣ କଥା ଅକ୍ଟୋବର ୨୧ତାରିଖରେ ବିଭାଗ ମୟୂରଭଞ୍ଜ ଡେପୁଟି କଲେକ୍ଟର ଦୁର୍ଗାଚରଣ ମୂର୍ମୁଙ୍କୁ ନୀଳଗିରି ତହସିଲଦାର ଭାବେ ଯୋଗ ଦେବାକୁ ନିର୍ଦ୍ଦେଶ ହୋଇଥିଲା। ମାତ୍ର ଦୁଇଦିନ ମଧ୍ୟରେ ଉକ୍ତ ନିର୍ଦ୍ଦେଶକୁ ବାତିଲ କରାଯାଇ ଆଠଗଡ଼ ଡେପୁଟି କଲେକ୍ଟର ଦିପ୍ତିମୟୀ ବେହେରାଙ୍କୁ ତହସିଲଦାର ଭାବେ ନିଯୁକ୍ତି ମିଳିଛି। ଶୁକ୍ରବାର ଶ୍ରୀମତୀ ବେହେରା ନୀଳଗିରି କାର୍ଯ୍ୟଳୟରେ ପହଞ୍ଚିବା ପରେ ନୂତନ ତହସିଲଦାରଙ୍କୁ କାର୍ଯ୍ୟାଳୟର କର୍ମଚାରୀ ମାନେ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ତେବେ ନୂତନ ତହସିଲଦାର ଶ୍ରୀମତୀ ବେହେରା ନୀଳଗିରିର ଲୋକଙ୍କୁ ଅଗ୍ରାଧିକାର ଭିତ୍ତିରେ ସେବା ଯୋଗାଇବା ସହିତ ଖଣିଜ

ସମ୍ପଦର ସୁରକ୍ଷା ପ୍ରତି ଦୃଷ୍ଟି ଦେବେ ବୋଲି କହିଥିଲେ। ଆବଶ୍ୟକ ପଡିଲେ ଚୋରାଖଣିଜ ମାଫିଆଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତିକ୍ରିୟାରେ ମତ ରଖିଥିଲେ।

ପ୍ରକାଶିତ ହେଲା ଖଇରା ବ୍ଲକ ସଂକ୍ଷିପ୍ତ ଭୋଟର ତାଲିକା

ଖଇରା, ୨୭/୧୦ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ପରିସରରେ ଶୁକ୍ରବାର ଦିନ ବ୍ଲକ ସ୍ତରୀୟ ସଂକ୍ଷିପ୍ତ ଭୋଟର ତାଲିକା ପ୍ରକାଶ ପାଇଛି। ଖଇରା ବ୍ଲକ ପରିସର ସଭାଗୃହରେ ଆୟୋଜିତ କାର୍ଯ୍ୟକ୍ରମରେ ବିଡିଓ ଅନନ୍ତ କୁମାର ହାଁସଦା ଆନୁଷ୍ଠାନିକ ଭାବେ ଏହାକୁ ପ୍ରକାଶ କରିବା ଅବସରରେ ଏବେ ଠାରୁ ତାଲିକାରେ ସଂଶୋଧନ, ଯୋଗ, ବିୟୋଗ କରାଯାଇପାରିବ ବୋଲି ପ୍ରକାଶ କରିଥିଲେ । ବିଇଓ ଗଦାଧର ଦାସ, ସିଡିପିଓ ନଳିନୀ କୁମାରୀ ମହାରଣା, ବୁଥ ସ୍ତରୀୟ ମୁଖ୍ୟ ଅଧିକାରୀ ଭରତ ସାହୁ, ଜିପିଇଓ ଆଶିଷ କୁମାର ଜେନା, ସିପି ଶଶିକାନ୍ତ ଦାସ, ସହଯୋଗୀ ବୁଥ ଅଧିକାରୀ କୈଳାସ ସେଣ୍ଠ, ନାରାୟଣ ଚନ୍ଦ୍ର ମହାପାତ୍ର ପ୍ରମୁଖ ଯୋଗ ଦେଇ ଆସନ୍ତା ୨୦୨୪ ନିର୍ବାଚନରେ ଯେଭଳି ସମସ୍ତ ନାଗରିକ ଭୋଟ ଦେଇ ପାରିବେ ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା । ଖଇରା ବ୍ଲକର ୧୫୯ବୁଥର ବିଏଲଓଙ୍କ ଦ୍ୱାରା ସଂପୃକ୍ତ ବୁଥର ଭୋଟର ତାଲିକା ପ୍ରକାଶିତ ହୋଇଥିଲା । ଏହାଛଡା କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଣୟନ କରାଯାଇଥିବା ୫୧୧ ଗୋଟି ଯୋଜନା ଉପରେ ଆଲୋକପାତ କରାଯାଇଥିଲା ।

ଲକ୍ଷ୍ମୀପୂଜା ପାଇଁ ରାଜଧାନୀରେ ୨୭ ପ୍ଲାଟୁନ ଫୋର୍ସ ମୁତୟନ

ଭୁବନେଶ୍ୱର, ୨୭/୧୦ (ନି.ପ୍ର): ଆସନ୍ତାକାଲି ଲକ୍ଷ୍ମୀପୂଜା ପାଇଁ କମିଶନରେଟ ପୋଲିସର ପ୍ରସ୍ତୁତି ଶେଷ ହୋଇଛି। ଲକ୍ଷ୍ମୀପୂଜା ପାଇଁ ରାଜଧାନୀରେ ୨୭ ପ୍ଲାଟୁନ ଫୋର୍ସ ମୁତୟନ ହେବେ ବୋଲି ଭୁବନେଶ୍ୱର ଡିସିପି ପ୍ରତୀକ ସିଂ ପ୍ରେସମିଟରେ ସୂଚନା ଦେଇଛନ୍ତି। ସେ କହିଛନ୍ତି ପୂଜା ବେଳେ କ୍ରାଉଡ଼ କଂଟ୍ରୋଲ ଓ ଟ୍ରାଫିକ ମ୍ୟାନେଜମେଂଟକୁ କମିଶନରେଟ ପୋଲିସ ଗୁରୁତ୍ୱ ଦେଇଛି। ନିର୍ଦ୍ଦିଷ୍ଟ ସମୟ ସୀମା ବାହାରେ ଲାଉଡ଼ ସ୍ପିକର ବଜାଇବା ବନ୍ଦ ହେବ।

ବିଜେପି କୃଷକ ମୋର୍ଚ୍ଚା ତରଫରୁ କୃଷକ ସମ୍ମିଳନୀ

ବାରିପଦା , ୨୭/୧୦ (ନି.ପ୍ର): ଆଜି ବାରିପଦା ବଜାର ଇଣ୍ଡିଆ ଠାରେ ବିଜେପି କୃଷକ ମୋର୍ଚ୍ଚା ତରଫରୁ ଏକ କୃଷକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି. ମୋର୍ଚାର ଜିଲ୍ଲା ସଭାପତି ଶିଶିର କୁମାର ମହାନ୍ତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ମିଳନୀରେ କେନ୍ଦ୍ର ଆଦିବାସୀ କଲ୍ୟାଣ ଓ ଜଳଶକ୍ତି ରାଷ୍ଟ୍ର ମନ୍ତ୍ରୀ ଇଂ ବିଶ୍ୱେଶ୍ୱର ଟୁଡୁ ମୁଖ୍ୟ ଅତିଥି ଏବଂ କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ମହେଶ୍ୱର ସାହୁ ବିଶିଷ୍ଟ ଅତିଥି ଭାବେ ଯୋଗଦେଇ କୃଷକ ମାନଙ୍କ ପାଇଁ କେନ୍ଦ୍ର ସରକାରଙ୍କ ତରଫରୁ ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି ଯୋଜନା, ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ଆଦି ସମ୍ପର୍କରେ ବିସ୍ତୃତ ଆଲୋଚନା କରିବା ସହ କୃଷକ ମାନେ ଏହାର ଲାଭ ଉଠାଇବାକୁ ପରାମର୍ଶ ଦେଇଥିଲେ. ଅନ୍ୟ ମାନଙ୍କ ମଧ୍ୟରେ ରାଜ୍ୟ କିଷାନ ମୋର୍ଚ୍ଚା ସାଧାରଣ ସମ୍ପାଦକ ଉପେନ୍ଦ୍ର ଭଞ୍ଜ, ରାଜ୍ୟ କୃଷକ ମୋର୍ଚ୍ଚା ସମ୍ପାଦକ ବିକ୍ରମ ରାଉତ ରାୟ, ରାଜ୍ୟ ମହିଳା ମୋର୍ଚ୍ଚା ଉପସଭାନେତ୍ର